ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK

ପର୍ଯ୍ୟବେକ୍ଷକ

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.264 Bhubaneswar Friday, December 10, 2021 | ୨୪ତମ ବର୍ଷ | ସଂଖ୍ୟା–୨୬୪ | ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୦, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹ 1.50 | (Air Surcharge - 0.50P) | Member-INS

## ଜେନେରାଲ ରାୱତ ଓ ଅନ୍ୟ ବୀରପୁତ୍ରଙ୍କୁ ମୋଦିଙ୍କ ଶେଷ ସଲାମ



ନୂଆଦିଲ୍ଲୀ, ୯ ।୧୨(ପି.ଏନ): ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ଦେଶର ପ୍ରଥମ ସିଡିଏସ୍ ? ଜେନେରାଲ ବିପିନ ରାୱତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଜି ତାମିଲନାଡୁର ସୁଲୁର ଏୟାରବେସ୍ ?ରୁ ସ୍ୱତନ୍ତ୍ର ବିମାନ ଯୋଗେ ସିଡିଏସ୍ ? ରାୱତ, ତାଙ୍କ ପତ୍ନୀ ମଧୁଲିକା ଓ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅନ୍ୟ ୧୧ ବୀର ଯବାନଙ୍କ ମୃତଦେହକୁ ଦିଲ୍ଲୀର ପାଲମ ଏୟାରବେସ୍‌କୁ ଅଣାଯାଇଛି।ଏହାପରେ ସେଠାରେ ମୋଦି ପହଞ୍ଚି ଜେନେରାଲ ରାୱତଙ୍କ ସମେତ ଅନ୍ୟ ଯବାନମାନଙ୍କୁ ଶେଷ ବିଦାୟ ଜଣାଇଛନ୍ତି। ମୋଦି ସମସ୍ତଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଦେଇ ବୀର ଆତ୍ମାଗୁଡିକର ସଦଗତି କାମନା କରିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାର ଲୋକଙ୍କ ସହ ମଧ୍ୟ ସେ କଥା ହୋଇଛନ୍ତି।ମୋଦିଙ୍କ ବ୍ୟତୀତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ପାଲମ ଏୟାରବେସ୍‌କୁ ଆସି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଶ୍ରୀ ସିଂହ ଶ୍ରଦ୍ଧାଞ୍ଜଳି ଜଣାଇବା ପୂର୍ବରୁ ଶୋକସନ୍ତପ୍ତ ବୀର ଯବାନଙ୍କ ପରିବାର ବର୍ଗଙ୍କୁ ଭେଟିଥିଲେ।ବୀର ପୁତ୍ରଙ୍କ ପରିବାର ଲୋକ ଶ୍ରଦ୍ଧାଞ୍ଜଳି ଜଣାଇ ଭୋଭୋ ହୋଇ କାନ୍ଦି ଉଠିଥିଲେ। ସିଡିଏସ୍ ରାୱତଙ୍କ ଦୁଇ ଝିଅ ମଧ୍ୟ ଉପସ୍ଥିତ ରହିଥିଲେ। ଉଭୟ ନିଜ ବାପା ଓ ମା'ଙ୍କୁ ହରାଇଛନ୍ତି। ଆଜି ସେମାନେ ପ୍ରଥମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ଅନ୍ୟ ବୀର ଯବାନଙ୍କ ପରିବାର ଲୋକ ସେମାନଙ୍କ ପ୍ରିୟଜନଙ୍କୁ ପୁଷ୍ପମାଲ୍ୟ ଦେଇ ଅନ୍ତିମ ବିଦାୟ ଜଣାଇଛନ୍ତି।ଆଜି ସନ୍ଧ୍ୟାରେ ସ୍ୱତନ୍ତ୍ର ବିମାନ ପାଲମ ଏୟାରବେସ୍‌ରେ ପହଞ୍ଚିବା ପରେ ପ୍ରଥମେ ଜେନେରାଲ ରାୱତଙ୍କ ପାର୍ଥିବ ଶରୀରକୁ ଗାର୍ଡ ଅଫ ଅନର ଦିଆଯାଇ ବାହାରକୁ ଅଣାଯାଇଥିଲା। ଏହାପରେ ଜଣଙ୍କ ପରେ ଜଣେ ଯବାନଙ୍କ ମରଶରୀରକୁ ବିମାନରୁ କ ?। ଯାଇଥିଲା। ଏହି ସମୟରେ ଏୟାରବେସରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ମହାନଦୀରେ କମିଛି ଜଳପ୍ରବାହ

ଭୁବନେଶ୍ୱର, ୯ ।୧୨(ପି.ଏନ): ମହାନଦୀରେ ଜଳପ୍ରବାହ କମିଛି । ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଏହି ସୂଚନା ଦେଇଛନ୍ତି। ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତରରେ ମନ୍ତ୍ରୀ କହିଛନ୍ତି ଯେ ମହାନଦୀରେ ଜଳପ୍ରବାହ ରୋକିବାକୁ ଛତିଶଗଡ଼ ସରକାର ପାଖାପାଖି ୫୧୬ ଚେକ ଡ୍ୟାମ କରିଛନ୍ତି। ଏହି ଚେକ ଡ୍ୟାମ ନିର୍ମାଣ ଦ୍ୱାରା ବାସ୍ତବରେ ଅଣମୌସୁମୀ ସମୟରେ ହୀରାକୁଦଠାରେ ମହନଦୀକୁ ଜଳ ପ୍ରବାହ କମିଛି। ହୀରାକୁଦ ଜଳଭଣ୍ଡାରକୁ ୨ ମିଲିଅନ ଏକର ଫୁଟ ମୌସୁମୀ ଜଳ ପ୍ରବାହ ଆସିବାକୁ ଥିବା ବେଳେ ଗତ ୧୯୯୧-୯୨ ରୁ ୨୦୦୪-୦୫ ମଧ୍ୟରେ ହାରାହାରି ୪ ପ୍ରତିଶତ ଏବଂ ୨୦୦୫-୦୬ ରୁ ୨୦୧୫-୧୬ ମଧ୍ୟରେ ୩୭ ପ୍ରତିଶତ କମିଛି। ସେହିପରି ୨୦୧୬-୧୭ ରେ ୬୫ ପ୍ରତିଶତ, ୨୦୧୭-୧୮ ରେ ୬୧ ପ୍ରତିଶତ, ୨୦୧୮-୧୯ ରେ ୫୭ ପ୍ରତିଶତ ଏବଂ ୨୦୧୯-୨୦ ରେ ୩ ପ୍ରତିଶତ ଜଳପ୍ରବାହ କମିଛି।

## ଗୋଟିଏ ଦିନରେ ୧୯୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୯ ।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୯୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୦୯୫୫ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୨୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୦ ହଜାର ୪୩୩ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୦୭୧ ରହିଛି। ଆଜି ଚିହ୍ନଟ ହୋଇଥିବା ୧୯୫ ଜଣଙ୍କ ମଧ୍ୟରୁ ୧୧୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୯୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡ଼ିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୨ ଜଣ ଓ ବରଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗିର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୧୧ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ୫ ଜଣ ଗଜପତିରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଂଜାମ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଜଗତସିଂହପୁର ଜିଲ୍ଲାରୁ ମଧ୍ୟ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ଝାରସୁଗୁଡ଼ା ଜିଲ୍ଲାରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୯୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସ ଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୪ ଜଣ ଓ ରାୟଗଡ଼ା ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୧୧ ଜଣ ଓ ଷ୍ଟେଟ୍ ପୁଲରୁ ୨୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### କ୍ୟାପିଟାଲ ହାଇସ୍କୁଲର୨ ଛାତ୍ରଙ୍କୁ କରୋନା

ଭୁବନେଶ୍ୱର, ୯ ।୧୨(ପି.ଏନ): ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲରେ୨ ଛାତ୍ର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ଦୁଇ ଜଣ ନବମ ଶ୍ରେଣୀ ଛାତ୍ର। ବିଏମସି ପକ୍ଷରୁ କରାଯାଇଥିବା କରୋନା ଟେଷ୍ଟିଙ୍ଗ କ୍ୟାମ୍ପରୁ ଦୁଇ ଛାତ୍ର ପଜିଟିଭ ଚିହ୍ନଟ ହୋଇଛନ୍ତି। ମୋଟ ୩୭୨ ନମୂନା ପରୀକ୍ଷା କରାଯାଇଥିବା ବେଳେ ୨ ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏନେଇ କ୍ୟାପିଟାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଜିତେନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

### ବିଧାନସଭା ସଚିବ କରୋନା ପଜିଟିଭ୍

ଭୁବନେଶ୍ୱର, ୯ ।୧୨(ପି.ଏନ): ବିଧାନସଭାରେ ପଶିଛି କରୋନା । ବିଧାନସଭା ସଚିବ ଦାଶରଥୀ ଶତପଥୀ କରୋନା ପଜିଟିଭ୍ ହୋଇଥିବା ଜଣାପଡିଛି। ସଚିବଙ୍କ ଡ୍ରାଇଭର ମଧ୍ୟ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତକାଲି ସଚିବଙ୍କ ପିଏସ୍ ମଧ୍ୟ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ବିଧାନସଭାରେ କୋଭିଡ ବାହାରିବା ପରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି ଯେ ବିଧାନସଭା ସଚିବଙ୍କ ସମେତ ଅନ୍ୟ ଦୁଇ ଜଣ ପିଜିଟିଭ ଚିହ୍ନଟ ହୋଇଛନ୍ତି । ସଚିବଙ୍କ ସଂସ୍ପର୍ଶରେ ଆମେ ମାନେ ଆସିଥିବାରୁ ଆମର ଆଂଟିଜେନ ଟେଷ୍ଟ କରାଇଥିଲୁ ।

## ଏମ୍‌ସରେ ଅତ୍ୟାଧୁନିକ ୩-ଡି ଲାପାରୋସ୍କୋପିକ୍ ପ୍ରକ୍ରିୟା ସମ୍ପର୍କିତ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୯ ।୧୨(ପି.ଏନ): ଲାପାରୋସ୍କୋପିକ୍ ୟୁରୋଲୋଜି ସମ୍ପର୍କରେ ଅଧିକ ଜାଣିବା ଏବଂ ଏହାର ବିଭିନ୍ନ ଦିଗ ଉପରେ ଅତ୍ୟାଧୁନିକ ଗବେଷଣାଲବ୍ଧ ତଥ୍ୟ ସମ୍ପର୍କରେ ଅବଗତ ହେବା ନିମନ୍ତେ ଏମ୍‌ସ ଭୁବନେଶ୍ୱରର ୟୁରୋଲୋଜି ବିଭାଗ ପକ୍ଷରୁ ଉନ୍ନତ ୩-ଡି ଲାପାରୋସ୍କୋପିକ୍ ୟୁରୋଲୋଜି ପ୍ରକ୍ରିୟା ସମ୍ପର୍କିତ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଭାରତର ଖ୍ୟାତିସମ୍ପନ୍ନ ଅନୁଷ୍ଠାନଗୁଡ଼ିକରୁ ଚିକିତ୍ସକ, ଗବେଷକ, ଅଧ୍ୟାପକ ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏମ୍‌ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ଅଧ୍ୟାପକମାନଙ୍କ ଦ୍ୱାରା ବିଭିନ୍ନ ଅସ୍ତ୍ରୋପଚାର ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏମ୍‌ସର ଚିକିତ୍ସକଙ୍କ ସହିତ ଦେଶର ବିଭିନ୍ନ ଚିକିତ୍ସା ପ୍ରତିଷ୍ଠାନର ସହକର୍ମୀଙ୍କୁ ଏପରି ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଶିକ୍ଷା ଦେବା ଜରୁରୀ ଅଟେ। ଏହା ଫଳରେ ରୋଗୀମାନେ ଜଟିଳ ରୋଗରେ ଆକ୍ରାନ୍ତ ଥିଲେ ମଧ୍ୟ କଷ୍ଟକର ଏବଂ ବ୍ୟୟବହୁଳ ଚିକିତ୍ସା ପଦ୍ଧତି ବିନା ସ୍ୱଳ୍ପ ସମୟ ମଧ୍ୟରେ ସହଜରେ ଆରୋଗ୍ୟ ଲାଭ ହୋଇପାରିବେ ବୋଲି ଏମ୍‌ସ ଭୁବନେଶ୍ୱରର ୟୁରୋଲୋଜି ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ ନାୟକ ପ୍ରକାଶ କରିଛନ୍ତି।ପେସ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ମେଡଟ୍ରୋନିକ୍ ସଂସ୍ଥା ସହଯୋଗରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ କରି ଏମ୍‌ସ ଭୁବନେଶ୍ୱର ୟୁରୋଲୋଜି ବିଭାଗର ଡ. ପ୍ରଶାନ୍ତ ନାୟକ, ଡ. ମନୋଜ ଦାସ ଏବଂ ଡ. ସ୍ୱର୍ଣ୍ଣେନ୍ଦୁ ମଣ୍ଡଳ ଏକାଧିକ ଅସ୍ତ୍ରୋପଚାର କରିଥିଲେ। ଯାହାକି ବେଶ୍ ଶିକ୍ଷଣୀୟ ହେବା ସହିତ ଅଂଶଗ୍ରହଣକାରୀଙ୍କ ପକ୍ଷରୁ ଉଚ୍ଚପ୍ରଶଂସିତ ହୋଇଥିଲା। ଡ. ଭାସ୍କର ରାଓ, ଡ. ନିତାଶା ରୟଙ୍କୁ ନେଇ ଗଠିତ ଆନାସ୍ଥେସିଆ ଟିମ୍ ସହିତ ଅପରେସନ୍ ଥିଏଟରର ନର୍ସିଂ ଏବଂ ବୈଷୟିକ କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ ଯୋଗାଇଦେଇଥିଲେ। ଏମ୍‌ସ ଭୁବନେଶ୍ୱର ନିର୍ଦ୍ଦେଶିକା ପ୍ରଫେସର ଡକ୍ଟର ବି ଗୀତାଞ୍ଜଳି ୟୁରୋଲୋଜି ବିଭାଗର ଏପରି ଉଦ୍ୟମକୁ ପ୍ରଶଂସା କରିବା ସହିତ ଏଭଳି ଶିକ୍ଷଣୀୟ କାର୍ଯ୍ୟକ୍ରମ ରୋଗୀମାନଙ୍କ ପାଇଁ ଅଧିକ ସହାୟକ ହେବବୋଲି ମତବ୍ୟକ୍ତ କରିଛନ୍ତି। ବିଭିନ୍ନ ୟୁରୋଲୋଜିକାଲ୍ ରୋଗରେ ପୀଡିତ ରୋଗୀଙ୍କ ଉନ୍ନତ ଚିକିତ୍ସା ନିମନ୍ତେ ବିଭାଗ ନିୟମିତ ଭାବରେ ଏହିପରି କାର୍ଯ୍ୟକଳାପ ଜାରି ରଖିବ ବୋଲି ଡାକ୍ତର ଗୀତାଞ୍ଜଳି ସୂଚନା ଦେଇଛନ୍ତି।ଏହି କ୍ଷେତ୍ରରେ ଉନ୍ନତ ଚିକିତ୍ସା ତଥା ଗବେଷଣା ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଥିବାରୁ ୟୁରୋଲୋଜି ବିଭାଗ ପକ୍ଷରୁ ନିର୍ଦ୍ଦେଶିକା ଡ. ଗୀତାଞ୍ଜଳିଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟଯେ ୟୁରୋଲୋଜି ବିଭାଗ ପକ୍ଷରୁ ନିୟମିତ ଭାବରେ ସମସ୍ତ ଉନ୍ନତ ଲାପାରୋସ୍କୋପିକ୍ ଏବଂ ଅନ୍ୟାନ୍ୟ ସର୍ବନିମ୍ନ କଷ୍ଟକର ଉପାୟ ଅବଲମ୍ବନ ପ୍ରକ୍ରିୟା ଯଥା ରାଡିକାଲ୍ ନେଫେକ୍ଟୋମି, ସାଇଷ୍ଟେକ୍ଟୋମି ଏବଂ ପ୍ରୋଷ୍ଟେଟେକ୍ଟୋମି ଏବଂ ଲାପାରୋସ୍କୋପିକ୍ ପାଇଲୋପ୍ଲାଷ୍ଟୀ, ୟୁରେଟେରିକ୍ ରିମିପ୍ଲାଂଟେସନ୍ ଏବଂ ଭେସିକୋ-ଭେଜିନାଲ୍ ଫିଜିନାଲାଲ୍ ଫିସ୍ଟୁଲା ରିପେୟାର୍ ପ୍ରକ୍ରିୟା ଜାରି ରହିଛି।

## ରଣକ୍ଷେତ୍ର ପାଲଟିଲା ଲୋୟର ପିଏମଜି

ଭୁବନେଶ୍ୱର, ୯ ।୧୨(ପି.ଏନ): ମମିତା ମେହେର ହତ୍ୟା ଘଟଣାରେ ଆନ୍ଦୋଳନକୁ ଓହ୍ଲାଇଥିବା ବିଜେପି ଯୁବ ମୋର୍ଚ୍ଚା ର ବିଧାନସଭା ଘେରାଉ ଉଦ୍ୟମ ବେଳେ ରଣକ୍ଷେତ୍ର ପାଲଟିଛି ଲୋୟର ପିଏମଜି। ଯୁବ ମୋର୍ଚ୍ଚା କର୍ମୀଙ୍କୁ ଅଟକାଇବାକୁ ପୋଲିସ୍ ର ଲାଠିମାଡ ଏବଂ ଧସ୍ତାଧସ୍ତିରେ ଉଭୟ ଆନ୍ଦୋଳନକାରୀ ଓ ପୋଲିସ୍ ଙ୍କ ସମେତ କିଛି ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଆହତ ହୋଇଛନ୍ତି। ପୋଲିସ୍ ଶତାଧିକ ଆନ୍ଦୋଳନକାରୀଙ୍କୁ ଗିରଫ କରିଛି। ଅପରପକ୍ଷରେ ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କ୍ୟାପିଟାଲ ହସ୍ପିଟାଲରେ ଆହତ ପୋଲିସ୍ ଅଧିକାରୀଙ୍କୁ ଭେଟିଛନ୍ତି। ସେ କହିଛନ୍ତି ଏହି ଘଟଣାରେ ୧୫ରୁ ଉର୍ଦ୍ଧ୍ୱ ପୋଲିସ୍ କର୍ମଚାରୀ ଓ ଅଧିକାରୀ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସିସିଟିଭି ଫୁଟେଜ ଓ ଗଣମାଧ୍ୟମର ଫୁଟେଜ ଆଧାରରେ ଆକ୍ରମଣକାରୀଙ୍କ ବିରୋଧ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପଟେ ଏହି ଘଟଣାରେ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବିଜେପି କର୍ମୀଙ୍କୁ ଭେଟିଛନ୍ତି ବିଜେପି ସଭାପତି ସମୀର ମହାନ୍ତି ।ଡିସିପି ଉମାଶଙ୍କର ଦାସ କହିଛନ୍ତି ବିଜେପି କର୍ମୀଙ୍କ ଢେଲାମାଡରେ କିଛି ପୋଲିସ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଛି। ଢେଲାମାଡରେ ପୋଲିସ ଗାଡି ଭାଙ୍ଗିଛି। ଏସବୁର ଆକଳନ କରାଯିବ। ସିସିଟିଭି ଆଧାରରେ ଯାଂଚ କରିବ ପୋଲିସ। ସ୍ଥିତି ଏବେ ନିୟନ୍ତ୍ରଣରେ ରହିଛି। ଲୋୟର ପିଏମଜିରୁ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇ ଦିଆଯାଇଛି। ସୁରକ୍ଷା ବଳୟ ଭେଦ କରିବା ପାଇଁ ଆନ୍ଦୋଳନକାରୀମାନେ ଚେଷ୍ଟା କରିଥିଲେ। ପୋଲିସ ତାହା କରିବାକୁ ଦେଇନାହିଁ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ ବହୁଚର୍ଚ୍ଚିତ ମମିତା ମେହେର ଅପହରଣ ଓ ହତ୍ୟାକାଣ୍ଡ ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଏବଂ ଘଟଣାର ନିରପେକ୍ଷ ତଦନ୍ତ ସିବିଆଇ ଦ୍ୱାରା କରାଇବା ଦାବିରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଗୁରୁବାର ବିଧାନସଭା ଘେରାଉ କରାଯାଇଛି। ହଜାର ହଜାର ବିଜେପି କର୍ମୀ ଦଳୀୟ କାର୍ଯ୍ୟାଳୟରୁ ବିଶାଳ ଶୋଭାଯାତ୍ରାରେ ବାହାରି ଲୋୟର ପିଏମଜିରେ ପହଂଚିଥିଲେ । ସେମାନେ ବ୍ୟାରିକେଟ୍ ଡେଇଁ ବିଧାନସଭା ଆଡକୁ ଅଗ୍ରସର ହେଉଥିବା ବେଳେ ପୋଲିସ୍ ସେମାନଙ୍କୁ ଅଟାଇକାଇବାକୁ ନାକେଦମ୍ ହୋଇଥିଲା। କର୍ମୀ ମାନେ ପ୍ରଥମ ବ୍ୟାରିକେଟ୍ ଡେଇଁ ଦ୍ୱିତୀୟ ବ୍ୟାରିକେଟ୍ ଆଡକୁ ଯିବା ବେଳେ କର୍ମୀ ପୋଲିସ୍ ଧସ୍ତାଧସ୍ତି ହୋଇଥିଲା। ପୋଲିସ୍ ଆନ୍ଦୋଳନକାରୀଙ୍କ ଉପରେ ଲାଠିଚାର୍ଜ କରିଦେଇଥିଲା। ସେହିପରି ବିଜେପି କର୍ମୀମାନେ ପୋଲିସ୍ ବସ୍ କୁ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି।

## ତାମିଲନାଡୁରେ ହେଲିକପ୍ଟର ଦୁର୍ଘଟଣା : ଯବାନ ରାଣାପ୍ରତାପ ଦାସଙ୍କ ବିୟୋଗରେ ଓଡ଼ିଶା ଜଣେ ବୀର ସନ୍ତାନକୁ ହରାଇଲା-ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୯ ।୧୨(ପି.ଏନ): ତାମିଲନାଡୁ କୁନ୍ନୁର ଠାରେ ଅଭାବନୀୟ ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ସିଡ଼ିଏସ୍ ଜେନେରାଲ ବିପିନ ରାୱତ ଓ ଅନ୍ୟ ସେନା ଅଧିକାରୀଙ୍କ ସମେତ ତାଳଚେରର ବୀର ଯବାନ ଜୁନିୟର ୱାରେଂଟ୍ ଅଫିସର ରାଣାପ୍ରତାପ ଦାସଙ୍କ ମୃତ୍ୟୁ ଘଟଣାରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଗତକାଲି ଦୁର୍ଭାଗ୍ୟଜନକ ହେଲିକପ୍ଟର ଦୁର୍ଘଟଣାକୁ ଦେଶ ଭୁଲି ପାରିନଥିବାବେଳେ ସିଡ଼ିଏସ ଜେନେରାଲ ରାୱତ ଏବଂ ଅନ୍ୟାନ୍ୟ ସେନା ଅଧିକାରୀଙ୍କ ସହ ତାଳଚେର ଅଂଚଳର ଜୁନିୟର ୱାରେଂଟ୍ ଅଫିସର ରଣାପ୍ରତାପ ଦାସଙ୍କ ବିୟୋଗ ଅଧିକ ଦୁଃଖ ଦେଇଛି। ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଭାବେ ଜୁନିୟର ୱାରେଂଟ୍ ଅଫିସର ଶ୍ରୀ ଦାସ ସାହସ, ପ୍ରତିବଦ୍ଧତା ଏବଂ ପରିଶ୍ରମର ସହ ଦେଶ ସେବା କରିଥିଲେ। ତାଙ୍କ ବିୟୋଗରେ ଦେଶ ଜଣେ ଉତମ ବାୟୁସୈନିକ ଏବଂ ଓଡିଶା ଜଣେ ବୀର ସନ୍ତାନକୁ ହରାଇଲା। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି।

## ସବୁ ସ୍କୁଲ କଲେଜରେ କରୋନା ଟେଷ୍ଟ କରିବାକୁ ଜିଲ୍ଲାପାଳମାନଙ୍କୁ ଚିଠି

ଭୁବନେଶ୍ୱର, ୯ ।୧୨(ପି.ଏନ): ଓମିକ୍ରନ୍ ର ଭୟାଭୟତାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ରେ ଆରଟିପିସିଆର ଟେଷ୍ଟ କରିବାକୁ ସବୁ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ। ପିଲାମାନଙ୍କ ସୁରକ୍ଷର ପାଇଁ ସ୍କୁଲ ମାନଙ୍କରେ ବିଏମସି ର କରୋନା ଟେଷ୍ଟିଂ କୁ ଆୟୋଗ ସ୍ୱଗତ କରିବା ସହ ସାରା ରାଜ୍ୟରେ ଏଭଳି ଅଭିଯାନ କରିବାକୁ ସେ କହିଛନ୍ତି। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି ଯେ ଟୀକା ନନେଇଥିବାରୁ ଶିଶୁ ମାନଙ୍କ କ୍ଷେତ୍ରରେ ବିପଦ ରହିଛି। ଯେତେଶୀଘ୍ର ସମ୍ଭବ କେନ୍ଦ୍ର ସରକାର ଙ୍କ ସହ ଆଲୋଚନା କରି ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ଶିଶୁ ମାନଙ୍କ ପାଇଁ ଟୀକାକରଣ ବ୍ୟବସ୍ଥା କୁ ତ୍ୱରାନ୍ୱିତ କରନ୍ତୁ ବୋଲି ଆୟୋଗର ଅଧକ୍ଷା କହିଛନ୍ତି।

## ଧରାପଡିଗଲା ବିଜେଡିର ଡ୍ରାମା: ମାସେ ତଳୁ କେନ୍ଦ୍ର ସମ୍ମତି ଦେଇଛି, ଏଫସିଆଇ ନେବ ସବୁ ଉଷୁନା ଚାଉଳ



ଭୁବନେଶ୍ୱର, ୯ ।୧୨(ପି.ଏନ): ରାଜ୍ୟର ବଳକା ଉଷୁନା ଚାଉଳକୁ ଏଫସିଆଇ ନେଉନାହିଁ ବୋଲି ବିଜେଡି କରୁଥିବା ମିଛ ଡ୍ରାମା ପଦାରେ ପଡିଛି। ରାଜ୍ୟରୁ ୫ ଲକ୍ଷ ମେଟ୍ରିକ ଟନ୍ ଫର୍ଟିଫାଏଡ ଉଷୁନା ଚାଉଳ ସମେତ ସମସ୍ତ ବଳକା ଚାଉଳ ଏଫସିଆଇ ଉଠାଇବ ବୋଲି ନଭେମ୍ବର ୩ ତାରିଖରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ର ସରକାର ଅବଗତ କରିଥିଲେ ମଧ୍ୟ ବିଜେଡି ଗତ ଦୁଇଦିନ ଧରି ଏହି ପ୍ରସଙ୍ଗରେ ଡ୍ରାମା ଆରମ୍ଭ କରିଛି । ଆଉ କେନ୍ଦ୍ରରେ ନିଜର ସରକାର ଥାଇ ମଧ୍ୟ ବିଜେପି ବାସ୍ତବ ତଥ୍ୟକୁ ଦସ୍ତାବିଜ ସହ ପଦାକୁ ଆଣିବାରେ ବିଫଳ ହୋଇଛି ।ମିଳିଥିବା ସୂଚନା ଅନୁସାରେ, ଓଡିଶାରୁ ବଳକା ଉଷୁନା ଚାଉଳ ଏଫସିଆଇ ଉଠାଣ କରିବା ନିମନ୍ତେ ୨୦୨୦-୨୧ ଖରିଫ ବର୍ଷରେ ରାଜ୍ୟ ଖାଦ୍ୟଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୨୦୨୧ ଜାନୁୟାରୀ ୧୯ରେ ଚିଠି ମାଧ୍ୟମରେ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଅନୁରୋଧକୁ ଗ୍ରହଣ କରି କେନ୍ଦ୍ର ସରକାର ୨୦୨୦-୨୧ ରବି ଋତୁରେ ସମସ୍ତ ଉଷୁନା ଚାଉଳକୁ ଗ୍ରହଣ କରିବା ପାଇଁ ଏଫସିଆଇକୁ ଅନୁମତି ଦେବା ସହ ୨୦୨୧ ଫେବୃୟାରୀ ୮ ତାରିଖରେ ଓଡିଶା ସରକାରଙ୍କୁ ଅବଗତ କରିଥିଲେ । ଏହାପରେ ୨୦୨୧-୨୨ ଖରିଫ ଋତୁରେ ବଳକା ଉଷୁନା ଚାଉଳ କ୍ରୟ କରିବା ପାଇଁ ଏଫସିଆଇ ଅନୁମତି ଦେବା ନିମନ୍ତେ ଯୋଗାଣ ବିଭାଗ ସଚିବ ସେପ୍ଟେମ୍ବର ୩୦ ଓ ଅକ୍ଟୋବର ୮ ତାରିଖରେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଅକ୍ଟୋବର ୧୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ୧୦ଲକ୍ଷ ମେଟ୍ରିକ ଟନ୍ ପର୍ଯ୍ୟନ୍ତ ଚାଉଳକୁ ଫର୍ଟିଫାଏଡ୍ ଚାଉଳ ଭାବେ ଉଠାଣ କରିବାକୁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏହି ଅନୁରୋଧ ଆଧାରରେ କେନ୍ଦ୍ର ସରକାର ୫ଲକ୍ଷ ମେଟ୍ରିକ ଟନ୍ ଫର୍ଟିଫାଏଡ୍ ଚାଉଳ ଓ ବାକି ସାମାନ୍ୟ ଚାଉଳ(କଷ୍ଟମ ମିଲ ରାଇସ) ଭାବେ ଏଫସିଆଇ ଉଠାଣ କରିବା ନିମନ୍ତେ ଅନୁମୋଦନ କରିଛନ୍ତି ।କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନଭେମ୍ବର ୩ତାରିଖରୁ ଅବଗତ କରାଯାଇ ସାରିଥିବାବେଳେ ଡିସେମ୍ବର ୮ତାରିଖରେ ଲୋକସଭାରେ ବିଜେଡି ସାଂସଦ ଭର୍ତ୍ତୃହରି ମହତାବଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କେନ୍ଦ୍ର ଖାଉଟି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତି କହିଛନ୍ତି ଯେ , ୨୦୨୧-୨୨ ଖରିଫ ବର୍ଷରେ ଓଡିଶାରୁ ମୋଟ ୨୧ଲକ୍ଷ ମେଟ୍ରିକ ଟନ୍ ଫର୍ଟିଫାଏଡ୍ ଚାଉଳ କ୍ରୟ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏଥିରୁ ୧୧ଲକ୍ଷ ମେଟ୍ରିକ ଟନ୍ ଚାଉଳ ଓଡିଶା ନିଜର ଆବଶ୍ୟକତା ପାଇଁ ଓ ବାକି ୧୦ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫସିଆଇ କ୍ରୟ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ହୋଇଛି ବୋଲି ସେ ସ୍ୱଷ୍ଟ କରିଛନ୍ତି ।ସେହିପରି ବିଜେଡି ସାଂସଦ ସସ୍ମିତ ପାତ୍ରଙ୍କ ଅନ୍ୟ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ଖାଉଟି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତି ସ୍ୱଷ୍ଟ କରିଛନ୍ତି ଯେ, ରାଜ୍ୟଗୁଡିକରୁ ଉଷୁନା ଚାଉଳ ଉଠାଣକୁ ବନ୍ଦ କରିବାର କୌଣସି ଯୋଜନା ନାହିଁ । ଓଡିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଛତିଶଗଡର ବଳକା ଉଷୁନା ଚାଉଳକୁ ଅନ୍ୟ ଅଭାବୀ ରାଜ୍ୟଗୁଡିକୁ ପଠାଯାଉଛି । ଧାନ ସଂଗ୍ରହ ସହ ଉଷୁନା ଚାଉଳ ଅବା ସାମାନ୍ୟ ଚାଉଳ ପ୍ରଦାନର କୌଣସି ସମ୍ପର୍କ ନାହିଁ । ନିର୍ଦ୍ଦିଷ୍ଟ ମିଲ୍ ଦ୍ୱାରା ଗ୍ରହଣ କରାଯାଉଥିବା ଟେକ୍ନୋଲୋଜି ଅବା ମିଲିଙ୍ଗ ବ୍ୟବସ୍ଥା ଆଧାରରେ ଉଷୁନା ଚାଉଳ କି ସାମାନ୍ୟ ଚାଉଳ ଉତ୍ପାଦନ ହୋଇଥାଏ । କେନ୍ଦ୍ର ସରକାର ସର୍ବଦା ଚାଷୀଙ୍କ ସ୍ୱାର୍ଥ ରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି ଓ ଅଧିକ ସଂଖ୍ୟକ ଚାଷୀ ଯେଭଳି ଏମଏସପିର ସୁବିଧା ପାଇବେ ତାହା ସୁନିଶ୍ଚିତ କରାଉଛନ୍ତି ବୋଲି କେନ୍ଦ୍ର ଖାଉଟି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସ୍ୱଷ୍ଟ କରିଛନ୍ତି ।ଅନ୍ୟପକ୍ଷରେ, ବିଜେଡି ଏହି ପ୍ରସଙ୍ଗରେ ଗତ ଦୁଇଦିନ ଧରି ଡ୍ରାମା କରୁଛି। ବିଜେଡିର ସାଂସଦମାନେ ବଳକା ଉଷୁନା ଚାଉଳ ଉଠାଣ ଦାବି କରି ଗତକାଲି କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ସାକ୍ଷାତ କରିଥିବାବେଳେ ଭୁବନେଶ୍ୱରରେ ବିଜେଡି ଏହି ପ୍ରସଙ୍ଗକୁ ନେଇ ଆଜି ରାଜରାସ୍ତା କେନ୍ଦ୍ର ସରକାର ବିରୁଦ୍ଧରେ ବର୍ଷିଛି। ୨୦୨୦ ଅଗଷ୍ଟ ୩୧ ତାରିଖରେ କେନ୍ଦ୍ର ସରକାର ଉଷୁନା ଚାଉଳ ନେବାକୁ ମନା କରିଦେଇଛନ୍ତି ବୋଲି କହି ନିଜର ରାଜନୀତିକୁ ଜୋରଦାର କରୁଥିବାବେଳେ ୨୦୨୦-୨୧ ରବି ଋତୁରେ ଏଫସିଆଇ ଚଳିତବର୍ଷ ଫେବୃୟାରୀ ୫ତାରିଖ ସୁଦ୍ଧା ମୋଟ ୪.୯୩ଲକ୍ଷ ମେଟ୍ରିକ ଟନ୍ ବଳକା ଉଷୁନା ଚାଉଳ ସଂଗ୍ରହ କରିଥିବା ନେଇ କେନ୍ଦ୍ର ସରକାର ଏକ ପ୍ରଶ୍ନର ଲିଖିତ ଉତ୍ତରରେ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକଙ୍କୁ ଅବଗତ କରିଥିଲେ ।ତେଣୁ ପ୍ରଶ୍ନ ଉଠୁଛି, କେନ୍ଦ୍ର ସରକାର ଉଷୁନା ଚାଉଳ ସଂଗ୍ରହକୁ ନେଇ ସକରାତ୍ମକ ଆଭିମୁଖ୍ୟ ପୋଷଣ କରୁଥିବାବେଳେ ମୁଖ୍ୟମନ୍ତ୍ରୀଙ୍କଠୁ ଆରମ୍ଭ କରି ବିଜେଡିର ସାଂସଦମାନେ କାହିଁକି ଏହାକୁ ନେଇ ରାଜନୀତି କରୁଛନ୍ତି । ଆଗକୁ ପଂଚାୟତ ନିର୍ବାଚନ ଥିବାବେଳେ ଚାଷୀଙ୍କ ହିତାକାଂକ୍ଷୀ ଭାବେ ପ୍ରତିପାଦନ କରିବାକୁ ବିଜେଡି ଏବେ ଆଳ ଖୋଜୁଛି । ଆଉ ବିଜେଡି ସହ ଭିତରି ସଲାସୁତରା ଯୋଗୁ ରାଜ୍ୟ ବିଜେପି ମଧ୍ୟ ଏସବୁ ତଥ୍ୟକୁ ଲୋକଲୋଚନକୁ ଆଣିବାକୁ ସକ୍ଷମ ହେଉନଥିବା ସାଧାରଣରେ ଚର୍ଚ୍ଚା ।

## ବିକ୍ଷୋଭ ନାଁରେ ଯୁବମୋର୍ଚ୍ଚା ଗୁଣ୍ଡାଗର୍ଦ୍ଦି ଓ ବ୍ୟାପକ ହିଂସାକାଣ୍ଡ ଘଟାଇଛି : ବିଜେଡି

ଭୁବନେଶ୍ୱର, ୯ ।୧୨(ପି.ଏନ): ମମିତା ମେହେର ହତ୍ୟାକୁ ପ୍ରସଙ୍ଗ କରି ଆଜି ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ ନାଁରେ ବିଜେପି ଯୁବମୋର୍ଚ୍ଚା ଗୁଣ୍ଡାଗର୍ଦ୍ଦି ଓ ବ୍ୟାପକ ହିଂସାକାଣ୍ଡ ଘଟାଇଛି । ଆଜିର ଘଟଣାରେ ଓଡିଶାବାସୀ ବିଜେପିର ଅସଲ ଚେହେରା ଦେଖିବାକୁ ପାଇଥିବା କହିଛନ୍ତି ବିଜେଡି ବିଧାୟକ ପ୍ରତାପ ଦେବ ।ଶ୍ରୀ ଦେବ ଗଣମାଧ୍ୟମକୁ କହିଛନ୍ତି ଯେ ଯୁବମୋର୍ଚ୍ଚା କର୍ମୀଙ୍କ ମାଡ଼ରେ ଅନେକ ପୁଲିସ ଆହତ ହୋଇଥିବାବେଳେ ସାମ୍ବାଦିକ ମଧ୍ୟ ବାଦ୍ ପଡିନାହାନ୍ତି । କାହାର ମୁଣ୍ଡ ଫାଟିଯାଇଛି ତ ଆଉ କାହାର ହାତ ଭାଙ୍ଗିଛି । ରକ୍ତମୁଖା ହୋଇ ସେମାନେ ପୁଲିସ ଗାଡ଼ିକୁ ମଧ୍ୟ ବାଡେଇ ଭାଙ୍ଗି ଦେଇଛନ୍ତି । ମମିତାଙ୍କୁ ନ୍ୟାୟ ଦେବା ନାଁରେ ରାଜରାସ୍ତାରେ ହିଂସାକୁ ଆପଣାଇ ବିଜେପି କେମିତି ହୀନ ରାଜନୀତି କରୁଛି, ଆଜି ପୁଣି ତାହା ପଦାରେ ପଡିଯାଇଛି । କେବଳ ହିଂସାରେ ବିଶ୍ୱାସ କରୁଥିବା ବିଜେପି ଯୁବମୋର୍ଚ୍ଚାର ଅସଲ ଚରିତ୍ର ଓ ଚେହେରା ସାଢ଼େ ଚାରି କୋଟି ଓଡ଼ିଶାବାସୀ ଦେଖିବାକୁ ପାଇଛନ୍ତି । କେବଳ ସେତିକି ନୁହେଁ, ଶୋଭାଯାତ୍ରାରେ ଆଜି ବିଜେପି କର୍ମୀମାନେ ଧରିଥିବା ପ୍ଲାକାର୍ଡରେ ମୃତ ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ଯେଭଳି ଚିତ୍ରଣ କଲେ, ତାହା ଅତ୍ୟନ୍ତ ନିନ୍ଦନୀୟ । ମମିତାଙ୍କ ବାପା ମା' ତାଙ୍କ ଝିଅର ଚରିତ୍ର ସଂହାର ନ କରିବାକୁ ସମସ୍ତଙ୍କୁ ହାତ ଯୋଡି ଅନୁରୋଧ କରିଥିଲେ । ମାତ୍ର ଏହାକୁ ବେଖାତିର କରି ବିଜେପି ନେତାମାନେ ତାଙ୍କର ଯେଉଁ ଫଟୋକୁ ଅତ୍ୟନ୍ତ ଅଶୋଭନୀୟ ଭାବେ ଚିତ୍ରଣ କଲେ, ତାହା ସେମାନଙ୍କ ସମ୍ବେଦନହୀନତା ଓ ହୀନ ରାଜନୈତିକ ମନୋଭାବକୁ ପଦାରେ ପକାଇଛି ।ଆଜି ବିକ୍ଷୋଭର ନେତୃତ୍ୱ ନେଉଥିବା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ନାମରେ ହତ୍ୟା ଓ ହତ୍ୟା ଉଦ୍ୟମ ଭଳି ସଂଗୀନ ମାମଲା ରହିଛି । ପୂର୍ବରୁ ବରଗଡ଼ବାସୀ ତାଙ୍କର ହିଂସାତ୍ମକ ଆଚରଣର ଝଲକ ଦେଖିଥିଲେ । ପୁରୀରେ ମଧ୍ୟ ଅନେକ ବାର ଗୁଣ୍ଡା ଗର୍ଦ୍ଦି କରିଥିବାରୁ ତାଙ୍କ ନାଁରେ ଅପରାଧିକ ମାମଲା ରହିଛି । ଆଜି ରାଜଧାନୀର ରାଜରାସ୍ତାରେ ପୂରା ଓଡ଼ିଶା ତାଙ୍କ ହିଂସାର ତାଣ୍ଡବ ଦେଖିଲା । ଶାନ୍ତିପ୍ରିୟ ଓଡ଼ିଶାବାସୀ କେବେ ବି ଏଭଳି ହିଂସାକୁ ପସନ୍ଦ କରନ୍ତି ନାହିଁ । ତେଣୁ ଆଗାମୀ ଦିନରେ ଓଡ଼ିଶାର ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି ଶ୍ରୀ ଦେବ କହିଛନ୍ତି ।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଝଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଡିସେମ୍ବର ୧୦

# ବିଶ୍ୱଗୁରୁଙ୍କ କଲମ



କଲିକତାର ଜୋରାସାଙ୍କୋ ଠାକୁରବାଡି ଥିଲା ବିଶ୍ୱକବି ରବିନ୍ଦ୍ର ନାଥଙ୍କ ପୈତୃକ ଗୃହ । ସେହି ବିଶାଳ ରାଜପ୍ରାସାଦସମ ଉଆସରେ ଗୁରୁଦେବ ସବୁଦିନେ ନିଜର ଶିଷ୍ୟ ଓ ପ୍ରଶଂସକମାନଙ୍କ ସହ ସଂଜ ବେଳେ ସଂଗୀତ ଆସର କରନ୍ତି । ସେଦିନ ମଧ୍ୟ ସମସ୍ତଙ୍କ ମଝିରେ ଗୁରୁଦେବ ତାଙ୍କର ସବୁଦିନିଆ ପ୍ରିୟ ଆରାମ ଚେୟାରରେ ବସିଥାଆନ୍ତି । ସବୁବେଳେ ହସୁଥିବା ଗୁରୁଦେବଙ୍କ ମୁହଁ ସେଦିନ ଯେମିତି ଦୁଃଖରେ ମଳିନ ଥିଲା । ତାଙ୍କ ଚାରିପାଖରେ ବସି ସତ୍ୟେନ୍ଦ୍ର ନାଥ ଦତ୍ତ ନିଜର ନୂଆ କବିତା ପଢୁଥିଲେ । ଦ୍ୱିଜେନ୍ଦ୍ର ନାଥ ବାଗଚି ଏକ କବିତାର ସମାଲୋଚନା ପାଠ କରୁଥିଲେ । ଦିନେନ୍ଦ୍ର ନାଥ ଟାଗୋର ଉଚ୍ଚକଣ୍ଠରେ ସଙ୍ଗୀତ ଗାନ କରୁଥିଲେ । ମଣିଲାଲ ବନ୍ଦୋପାଧ୍ୟାୟ ଗଳ୍ପ ଶୁଣାଉଥିଲେ । କିଏ ହାରମୋନିଅମ ତ କିଏ ତବଲା ବଜାଉଥିଲେ । ମାତ୍ର ସେଦିନ ଗୁରୁଦେବ ସବୁଦିନ ଭଳି ଆନନ୍ଦରେ ସମସ୍ତଙ୍କ କାମର ସମୀକ୍ଷା କରି ବାଃ ବାଃ କହି ଶିଷ୍ୟମାନଙ୍କୁ ଉତ୍ସାହିତ କରୁନଥିଲେ । ସତେ ଯେମିତି ସେ ଚିନ୍ତା ଓ ଦୁଃଖର ଦୁନିଆରେ ଘୁରି ବୁଲୁଛନ୍ତି । ତାଙ୍କର ଏହି ମାନସିକ ଅବସ୍ଥା ସମସ୍ତଙ୍କୁ



ଆଶ୍ଚର୍ଯ୍ୟ କଲା । କ'ଣ ଗୁରୁଦେବଙ୍କ ଦୁଃଖ ? ସାରା ଦେଶର ଗୁରୁସ୍ଥାନ ଓ ବିଶ୍ୱପ୍ରସିଦ୍ଧ ନୋବେଲ ପୁରସ୍କାର ପାଇଲା ପରେ ସେ ଦେବତାଙ୍କ ସ୍ଥାନକୁ ଉନ୍ନିତ ହୋଇଛନ୍ତି । ଶେଷକୁ ତାଙ୍କର ପ୍ରିୟ ଶିଷ୍ୟ ଶୌରିନ୍ଦ୍ର ମୋହନ ମୁଖୋପାଧ୍ୟାୟ, ଯିଏକି ନିଜେ ଜଣେ କବି ଓ ଓକିଲ, ଗୁରୁଦେବଙ୍କୁ ତାଙ୍କ ଅସ୍ଥିର ମାନସିକ ଅବସ୍ଥା ବିଷୟରେ ପଚାରିଲେ,"କଣ ଆପଣଙ୍କ ଶରୀର ଅସୁସ୍ଥ ଅଛି ?" ନା ସେଭଳି କିଛି ନାହିଁ । ମାତ୍ର ତୁମ ରବି ଠାକୁର ଆଗଭଳି ଲେଖିପାରିବ ନାହିଁ । ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । "କଣ ପାଇଁ ?" ସମସ୍ତଙ୍କ ମୁହଁରୁ ଏକାବେଳେ ଉଚ୍ଚାରିତ ହେଲା ।

"ମୁଁ ଲେଖୁଥିବା କଲମଟି ହଜିଯାଇଛି । ଅନ୍ୟ କଲମ ଧରିଲେ ମୋର ସେ ଭାବନା ଆସିପାରୁନି ।" "ଆପଣ ସବୁଆଡେ ଖୋଜିଛନ୍ତି ନା ?" "ହଁ, ସବୁ ଯାଗା ଖୋଜିସାରିଲିଣି ।" ଦୁଃଖଭରା କଣ୍ଠରେ ଗୁରୁଦେବ କହିଲେ । ସେଦିନ ସଂଧ୍ୟାରେ ଆସରଟି ଫିକା ପଡିଗଲା । ସମସ୍ତେ ନିଜ ଘରକୁ ମନଉଣା କରି ଫେରିଗଲେ ।

ଏ ଘଟଣାର ଦୁଇମାସ ପରେ ଲାଲବଜାର ପୋଲିସ ବଡବାବୁ ବିନୟ ମଣ୍ଡଳ ନାମକ ଜଣେ ଚୋରକୁ ଧରିଲେ । ତା' ପିଠିରେ ବେତରେ ପିଟି ଚାଲିଛନ୍ତି । "ମରିଗଲି ହଜୁର, ସବୁ ମାନିଯିବି, ଆଉ ମାରନ୍ତୁ ନାହିଁ ।"

ବିନୟ ଆଶ୍ଚର୍ଯ୍ୟ ହେଲା । "ସତେ ଯେମିତି ବଡବାବୁ କିମିଆ ଜାଣନ୍ତି । ତା'ର ସବୁ କାମ ଯେମିତି ତାଙ୍କ ନଖଦର୍ପଣରେ । ଆଗରୁ ସବୁ ଠିକ ଚାଲୁଥିଲା । ଧରାପଡିବାର ଚାନ୍ସ ନଥିଲା । ମାତ୍ର ଏ ବଡବାବୁ ଆସିଲା ପରେ ବର୍ଷକ ମଧ୍ୟରେ ତିନିଥର ଧରାପଡିଲାଣି । ସବୁଥର ବେଲରେ ଆସି ପୁଣି ଚୋରି କରୁଛି । ମାଡ ଖାଉଛି । ହେ ମା' କାଳି, ଏ ବଡବାବୁଙ୍କୁ ଏଠୁ ବଦଳି କରିଦେ, ବୋଦା ଗୋଟା ବଳି ଦେବି ।"

ଏଣେ ମାଡର ବିରାମ ନାହିଁ । ସୁନା ଚେନ, ଘଂଟା, କାଚ, ପୋଷାକ, ଥାଳି ସବୁ ଜିନିଷ ତା'ଠାରୁ ଜବତ ହେଲା । ଏତିକିରେ ବଡବାବୁ ସନ୍ତୁଷ୍ଟ ହେଲେନି । ତାକୁ ପୋଲିସ ଜିପ୍‌ରେ ବସାଇ ଯେଉଁଘରୁ ଚୋରି କରିଥିଲା, ସବୁ ଘର ବୁଲାଇବାକୁ କହିଲେ । ଶେଷକୁ ଗୋଟିଏ ଘର ଦେଖାଇଲା ବିନୟ । ଆଶ୍ଚର୍ଯ୍ୟ ହେଲେ ବଡବାବୁ । ରବି ଠାକୁରଙ୍କ ଘର- "ହାୟରେ, ଶେଷକୁ ତୁ ଏଠାରୁ ଚୋରି କଲୁ ।"

"ସାହେବ ମୁଁ କି ଜାଣେ କାହା ଘର ? କବାଟ ଖୋଲା ଥିଲା । କେହି ନଥିଲେ । ପଶିଯାଇ କଲମ ଧରି ଚାଲି ଆସିଲି, "କୁଳାଙ୍ଗାର, ହାରାମଜାଦା" ବାବୁ ଗୋଟା ବ୍ରହ୍ମଚାପୁଡା ମାରିଲେ ତା' ଗାଲରେ । "ତୋ ବୋପାର ବାପା ଘର ।"

ଉପର ମହାଲାରୁ ଠିଆହୋଇ ରବି ଠାକୁର ଦେଖୁଥିଲେ । ବଡବାବୁ ବିନୟର ସହିତ ତଳକୁ ଆସିବାକୁ ତାଙ୍କୁ ଅନୁରୋଧ କଲେ । ଆସିଲା ପରେ ପ୍ରଣାମ ଜଣାଇ କଲମଟି ଦେଖାଇଲେ । ପିଲାଟି ଭଳି ଗୁରୁଜୀ ଆନନ୍ଦରେ ନାଚି ଉଠିଲେ । ତାଙ୍କର ସାଧନାର ପ୍ରିୟ କଲମ । ଅମୂଲ୍ୟ ଧନ ପରି ଦେଖିବାକୁ ଲାଗିଲେ ।

ବଡବାବୁ କଲମଟି ଫେରାଇ ନେଇ କହିଲେ, "କ୍ଷମା କରିବେ । ଏ କଲମଟି ପାଇବାକୁ କିଛିଦିନ ଅପେକ୍ଷା କରିବାକୁ ପଡିବ । କେସ ସରିଲେ କୋର୍ଟରୁ ତାହା ପାଇବେ ।" ଦୁଃଖର ଛାଇ ଖେଳିଗଲା ଗୁରୁଙ୍କ ମୁହଁରେ ।

ବଡବାବୁ କଲମ ସହ ଚାଲିଗଲେ । ଲାଲବଜାରର ୫ ମହଲା ଲାଲକୋଠା ଏବେବି ଛିଡା ହୋଇଛି । ବର୍ତ୍ତମାନ ଟ୍ରାଫିକ୍ ଅଫିସ୍ ହୋଇଛି । ସେତେବେଳେ ପୋଲିସ ହେଡଅଫିସ ଥିଲା । ଉପର ମହାଲାରେ ପୋଲିସ କୋର୍ଟ ଚାଲୁଥିଲା । ମାଜିଷ୍ଟ୍ରେଟ, ଓକିଲ, ସାକ୍ଷୀମାନଙ୍କ କୋଳାହଳରେ ସବୁବେଳେ ସ୍ଥାନ ପୂରି ରହୁଥିଲା । ସେହି କୋଠାରେ ସୌରିନ୍ଦ୍ର ମୋହନ ଓକିଲ କାମ କରୁଥିଲେ । ପାଠପଢା ପରେ ସେ ଗୁରୁଜୀଙ୍କ ପାଖକୁ ଯାଇ ସାହିତ୍ୟ ଚର୍ଚ୍ଚାରେ ଜୀବନ କଟାଇବାକୁ ଚାହିଁଲେ । ଇଂରେଜ ସରକାରର ଗୋଲାମଗିରି କରି ଚାକିରି କରିବେ ନାହିଁ । ମାତ୍ର ବିଶ୍ୱଗୁରୁ ତାଙ୍କୁ କହିଲେ, "Let Law be your profession, literature become passion." ସେତେବେଳେ ବ୍ରିଟିଶମାନଙ୍କ ବିରୁଦ୍ଧରେ ବିପ୍ଳବୀମାନେ ଲଢାଇ କରୁଥାଆନ୍ତି । ସେମାନଙ୍କ ପାଇଁ ଦକ୍ଷ ଓକିଲର ଆବଶ୍ୟକତା ଅଛି । ସେହିଦିନୁ ଓକିଲାତିକୁ ବ୍ୟବସାୟ ରୂପେ ଗ୍ରହଣ କଲେ ସୌରୀ । ସେଦିନ ନିଜ କାମରେ ବ୍ୟସ୍ତ ଥାଆନ୍ତି ସୌରୀ । ହଠାତ ଦେଖିଲେ ରବି ଠାକୁରଙ୍କ ଚାକର ଗୋପାଳ ତାଙ୍କୁ ଖୋଜୁଛି । ଜଣେ କର୍ମଚାରୀ ଅଙ୍ଗୁଳି ଦେଖାଇ ତାଙ୍କୁ ଚିହ୍ନାଇଦେଲା । ଗୋପାଳ ଧଇଁସଇଁ ହୋଇ ଆସି ଚିଠିଟି ଦେଲା । ଗୁରୁଜୀଙ୍କ ଚିଠି । କଲ୍ୟାଣୀୟ ସୌରି ! କାଲି କୋର୍ଟର ସମନ ପାଇଛି । ମୋତେ ହୁକୁମ କରାହୋଇଛି ଯେ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ହାଜର ହୋଇ କଲମକୁ ଚିହ୍ନିବାକୁ । ଏହା ନକଲେ ମୋ' ଉପରେ ମୋକଦ୍ଦମା ହେବ । ଏହା ମୋ' ପକ୍ଷରେ ଅସହ୍ୟ । ତୁମେ କୌଣସି ପ୍ରକାରେ ଏହା ବନ୍ଦ କର । ନଚେତ୍ କିଛି ଲୋକ ସାଙ୍ଗରେ ଆସି ରବି ଠାକୁରର ମଲାଦେହ ଉଠାଇବ ।

ଗୁରୁଜୀ ସବୁଦିନେ ଏମିତି । ଟିକେ କଥାରେ କାନ୍ଦି ପକାଇବେ । ଯାହା କହନ୍ତି ଏମୋସନାଲ । ସମନ ଧରି ସୌରୀ ମାଜିଷ୍ଟ୍ରେଟଙ୍କ ପାଖକୁ ଧାଇଁଲେ । ମାଜିଷ୍ଟ୍ରେଟ ମଧ୍ୟ ଦୁଃଖ ପ୍ରକାଶ କଲେ । ବିଶ୍ୱଗୁରୁଙ୍କୁ ହୁକୁମ, ଏହା ଆଦୌ ଶୋଭନୀୟ ନୁହେଁ । ସାଙ୍ଗେ ସାଙ୍ଗେ ପେସ୍କାରକୁ ଡାକିଲେ, "ତୁମେ ଏପରି ସମନ ମୋ'ଠାରୁ ଦସ୍ତଖତ କରାଇଛ ?" ଡରି ଡରି ପେସ୍କାର କହିଲା, "ହଁ ଆଜ୍ଞା । ରବି ଠାକୁର ଲେଖା ହୋଇଛି । ସବୁଦିନେ ଶହଶହ ସମନ ପଠାଯାଉଛି । ତା'ଛଡା ଆଇନ ଆଖିରେ ସମସ୍ତେ ସମାନ ।" "ଚୁପ, ସମସ୍ତେ କ'ଣ ବିଶ୍ୱଗୁରୁ ? ଗେଟ ଆଉଟ ।" ତା'ପରେ କହିଲେ, "ଗୁରୁଜୀଙ୍କୁ ମୋ' ତରଫରୁ କ୍ଷମା ମାଗିନେବ । ମୁଁ ସେ ସମନ ରଦ୍ଦ କରୁଛି । ସେ ଚାକର ପିଲାକୁ ସମନ କରୁଛି । ସେ କଲମ ଚିହ୍ନଟ କଲେ ହୋଇଯିବ ।" ସାଙ୍ଗେ ସାଙ୍ଗେ ଆଦେଶ ପ୍ରକାଶ ହେଲା । ସୌରୀ ଯାଇ ଗୁରୁଦେବଙ୍କୁ ବୁଝାଇଦେଲେ । ଲାଲ ବଜାର କୋଠାରେ ଅନେକ ବିଶିଷ୍ଟ ଲୋକଙ୍କ ପାଦ ପଡିଛି । ଗୁରୁଦେବ ଲାଲ ବଜାର କୋଠାକୁ ଆସିଥିଲେ ତାହା କୋଠାର ଇତିହାସରେ ଏକ ସ୍ମରଣୀୟ ମୁହୂର୍ତ୍ତ ହୋଇଥାଆନ୍ତା । ମାତ୍ର ସୌରୀ ବଲ୍‌କୁ ଗୋଲ ଲାଇନରେ ଅଟକାଇ ଦେଲା । ମଜାରେ କହିଲେ ସାଥିମାନେ ।

**ଡାଃ ସୁରେନ୍ଦ୍ର ନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮

# ଚିନ୍ତା ବଢ଼ାଇଲା ଓମିକ୍ରନ

...............ସୌମେନ୍ଦ୍ର ଜେନା...............

କୋରୋନା ଭୂତାଣୁର ଭିନ୍ନ ଏକ ଗୋଷ୍ଠୀ ଓମିକ୍ରନ୍ ନାମରେ ଦକ୍ଷିଣ ଆଫ୍ରିକା ଏବଂ ତାର ନିକଟବର୍ତ୍ତୀ ଦେଶଗୁଡିକରେ ଦେଖାଯିବା ପରେ ଏହି ପ୍ରକାର ଭୂତାଣୁକୁ କେନ୍ଦ୍ର କରି ସାରା ବିଶ୍ୱରେ ଏକ ପ୍ରକାର ଆଶଙ୍କାର ବାତାବରଣ ସୃଷ୍ଟି ହୋଇଛି । ୩ ଡିସେମ୍ବର ଦିନ କେବଳ ଦକ୍ଷିଣ ଆଫ୍ରିକାରେ ୧୬୦୫୫ ଜଣ ରୋଗୀ ଏଥିରେ ସଂକ୍ରମିତ ହୋଇଛନ୍ତି । ଭାରତରେ ଦେଖାଦେଇଥିବା ଦ୍ୱିତୀୟ ଲହର ବେଳର ଡେଲ୍‌ଟା ଜାତୀୟ ଭୂତାଣୁଠାରୁ ଓମିକ୍ରନ ଜାତୀୟ ଭୂତାଣୁ ଖୁବ୍ ଅଧିକ ଶକ୍ତିଶାଳୀ ବୋଲି କୁହାଯାଉଛି । ଅଳ୍ପ କେଇଦିନ ଭିତରେ ଏହି ଭୂତାଣୁ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପଦେଶ, ଇଉରୋପ ଓ କାନାଡା ଯାଏ ୪୦ ଦେଶରେ ପହଞ୍ଚିଗଲାଣି ।



ସେଥିପାଇଁ ଭୟଭୀତ ପୃଥିବୀର ଅନେକ ରାଷ୍ଟ୍ର ଏବେ ସଂକ୍ରମଣ ଆଶଙ୍କା ରହିଥିବା ରାଷ୍ଟ୍ରଗୁଡିକରୁ ଆସୁଥିବା ବିମାନଗୁଡିକ ଉପରେ କଟକଣା ଲଗାଇବାକୁ ବାଧ ହୋଇଛନ୍ତି । ଓମିକ୍ରନ ଭୂତାଣୁକୁ ନିଜ ଦେଶରେ ରୋକିବା ପାଇଁ ଅଷ୍ଟ୍ରେଲିଆ ସରକାର ଆଫ୍ରିକା ମହାଦେଶର ବୋତସ୍ୱାନା, ଇଶ୍ୱାଟିନୀ, ଲୋସୋଥୋ, ମାଲାୱି, ମୋଜାମ୍ବିକ, ନାମିବିଆ, ସେଚେଲେସ, ଦକ୍ଷିଣ ଆଫ୍ରିକା, ଜିମ୍ବାୱେକୁ ଯିବା ଆସିବା ଉପରେ କଟକଣା ଜାରିକରି ଆଗାମୀ ୧୪ଦିନ ପାଇଁ ସମସ୍ତ ବେସରକାରୀ ବିମାନ ଚଳାଚଳକୁ ଏହିସବୁ ଦେଶପାଇଁ ବନ୍ଦ ରଖିଛନ୍ତି । ଗତ ଦୁଇ ସପ୍ତାହ ପୂର୍ବରୁ ଆସିଥିବା ଲୋକମାନଙ୍କୁ କ୍ୱାରେଣ୍ଟାଇନରେ ରଖିବା ପାଇଁ କୁହାଯାଇଛି । କୋରୋନାର ଗୋଟିଏ ଲହର ପୃଥିବୀରେ ଦୁର୍ବଳ ହେବାର ତିନିମାସ ପରେ ସାଧାରଣତଃ ଅନ୍ୟ ଏକ ଲହର କିମ୍ବା ଅନ୍ୟ ଏକ ପ୍ରକାରର ଭୂତାଣୁ ସଂକ୍ରମିତ କରିବା ଦେଖାଯାଇଥାଏ । ଯେଉଁଥିପାଇଁ ଅକ୍ଟୋବର-ନଭେମ୍ବର ମାସର ଶେଷଯାଏ ଅପେକ୍ଷା କରିବାକୁ କୁହାଯାଉଥିଲା । ଠିକ୍ ନଭେମ୍ବର ମାସର ଶେଷ ବେଳକୁ ଏହି ଭୂତାଣୁର ସଂକ୍ରମଣ ସଂପର୍କରେ ଜଣାପଡିବା ପରେ ପୂର୍ବରୁ କୋରୋନାର କରାଳ ରୂପ ଦେଖିସାରିଥିବା ବ୍ରାଜିଲ ଦକ୍ଷିଣ ଆଫ୍ରିକା, ବୋତସ୍ୱାନା, ସ୍ୱାତିନି,ଲେସୋଥୋ, ନାମିବିଆ ଏବଂ ଜିମ୍ବାୱେକୁ ବିମାନ ଚଳାଚଳ ବନ୍ଦ କରିଛନ୍ତି । ସେମିତି ଭାରତ ସରକାର ଦକ୍ଷିଣ ଆଫ୍ରିକା, ହଂକଂ ଏବଂ ବୋତସ୍ୱାନାରୁ ଆସୁଥିବା ବିମାନ ଯାତ୍ରୀମାନଙ୍କ ପରୀକ୍ଷା କରାଇବା ପାଇଁ ରାଜ୍ୟଗୁଡିକୁ କହିଛନ୍ତି । ନଭେମ୍ବର ୧୨ରୁ ଯେଉଁ ଅଣକାନାଡା ଲୋକେ ସଂକ୍ରମଣ ସମ୍ଭାବନା ଥିବା ଉପରୋକ୍ତ ରାଷ୍ଟ୍ରକୁ ଗସ୍ତ କରିଥିବେ ସେମାନେ କାନାଡାରେ ପ୍ରବେଶ କରିପାରିବେ ନାହିଁ ବୋଲି ସେଠାକାର ସରକାର ଘୋଷଣା କରିଛନ୍ତି । ଜାପାନ ସରକାର ମଧ ଚଳିତବର୍ଷ ଶେଷ ପର୍ଯ୍ୟନ୍ତ ସଂକ୍ରମଣ ସମ୍ଭାବନା ଥିବା ରାଷ୍ଟ୍ରରୁ ଯାତ୍ରୀମାନଙ୍କୁ ଗ୍ରହଣ ନକରିବା ଲାଗି କହିଛନ୍ତି । ଯେଉଁମାନେ ଦେଶରେ ପ୍ରବେଶ କରିସାରିଛନ୍ତି ସେମାନେ ୧୪ଦିନ ପାଇଁ କ୍ୱାରେଣ୍ଟାଇନ ବା ଏକାନ୍ତରେ ରହିବା ପାଇଁ ପରାମର୍ଶ ଦିଆଯାଇଛି । ଯେଉଁ ଜାପାନୀ ନାଗରିକ ଉପରୋକ୍ତ ଦେଶଗୁଡିକୁ ଯାତ୍ରା କରିଥିବେ ସେମାନଙ୍କୁ ସରକାରୀ କ୍ୱାରେଣ୍ଟାଇନରେ ରଖାଯିବା ସହ ୩, ୬ ଏବଂ ୧୦ମ ଦିନରେ ପରୀକ୍ଷା କରାଯିବ । ଗ୍ରୀସରେ ୬୦ବର୍ଷରୁ ଅଧିକ ବୟସର ଯେଉଁ ଲୋକମାନେ ଟୀକାଦେବାକୁ ନାରାଜ ଅଛନ୍ତି ସେମାନଙ୍କଠାରୁ ମାସିକ ଫାଇନ୍ ଅର୍ଥ ସଂଗ୍ରହ କରିବାକୁ ସେଠାକାର ସରକାର କହିଛନ୍ତି । ଲୋକଙ୍କ ପେନସନ୍ ଅର୍ଥରୁ ଚଉଠ ଅଂଶ କାଟି ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଇଉରୋପର ନେଦରଲାଣ୍ଡରେ ସନ୍ଧ୍ୟା ୫ଟାପରେ ଲକ୍‌ଡାଉନ୍ ଘୋଷଣାକୁ ବିରୋଧ କରି ଲୋକେ ବିକ୍ଷୋଭ କରିବା ସମୟରେ ହିଂସାକାଣ୍ଡ ଘଟାଇ ପୋଡାଜଳା କରିଛନ୍ତି । ଇଉରୋପର ଅନେକ ଦେଶରେ ଏବେ ଡେଲଟା ଭୂତାଣୁ ଭୟ ବୃଦ୍ଧି କରିଥିବା ବେଳେ ଓମିକ୍ରନର ଆଗମନ ଅନେକଙ୍କୁ ଆତଙ୍କିତ କରିଛି । ଫଳରେ ସେୟାର ବଜାରରେ ଅଂଶଧନ ବିକ୍ରି ବଢିବା ସହ ମୂଲ୍ୟରେ ହ୍ରାସ ଘଟିଛି ।

ଓମିକ୍ରନର ଭୟ ମଧରେ ଡିସେମ୍ବର ମାସ ୧ ତାରିଖରେ ଭାରତରେ ନୂଆ କୋରୋନା ସଂକ୍ରମିତ ୮୯୫୪ ଥିଲାବେଳେ ୨ ତାରିଖକୁ ତାହା ବୃଦ୍ଧିପାଇ ୯୭୬୫ରେ ପହଞ୍ଚିଛି । ୩୦ ନଭେମ୍ବର ଦିନ ଏହି ସଂଖ୍ୟା ୬୯୯୦ ଥିଲା । ଗତ ୫୫୧ ଦିନ ମଧରେ ଏହି ସଂଖ୍ୟା ସବୁଠୁ କମ୍ ରହିଥିଲା । ଦେଶରେ ମୋଟ କୋରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୭୬୩ ରହିଛି ଯାହା ମାର୍ଚ୍ଚ ୨୦୨୦ରୁ ବହୁତ କମ୍ । ରୋଗୀଙ୍କ ସୁସ୍ଥ ହାର ଦେଶରେ ୯୮.୩୫ ପ୍ରତିଶତ ରହିଛି । ୧ ଡିସେମ୍ବର ଦିନ ଦେଶରେ ୮୫୪୮ଜଣ ରୋଗୀ ସୁସ୍ଥ ହେବା ସହ ଦେଶରେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୩,୪୦,୩୭,୦୫୪ରେ ପହଞ୍ଚିଛି । ଭାରତରେ ଅଦ୍ୟାବଧି ମୋଟ ୬୪.୩୫କୋଟି ଲୋକଙ୍କ ପରୀକ୍ଷା ହୋଇସାରିଛି । ଓମିକ୍ରନ ପାଇଁ ବଙ୍ଗଳାଦେଶ ଆଫ୍ରିକାର ଦେଶଗୁଡିକୁ ଯାତ୍ରା ବନ୍ଦ ଘୋଷଣା କରିଛି । ବଙ୍ଗଳାଦେଶର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜାହିଦ ମାଲେକୀ ଦକ୍ଷିଣ ଆଫ୍ରିକାରୁ ଯାତ୍ରୀ ଆସିବା ବନ୍ଦ କରିଛନ୍ତି । ଇଜିପଟର ସରକାର ଆଫ୍ରିକାର ସଂକ୍ରମଣ ସମ୍ଭାବନା ଥିବା ରାଷ୍ଟ୍ରଗୁଡିକୁ ବିମାନ ଚଳାଚଳକୁ ବନ୍ଦ ରଖିଛନ୍ତି । ଫ୍ରାନ୍ସ ସରକାର କଟକଣା ସ୍ୱରୂପ ବିପଦ ଥିବା ଦେଶ ସହ ବିମାନ ଚଳାଚଳକୁ ବନ୍ଦ କରିଛନ୍ତି । ସାଉଦି ଆରବର ସରକାର ସାତୋଟି ଆଫ୍ରିକୀୟ ରାଷ୍ଟ୍ରକୁ ବିମାନ ଚଳାଚଳ ବନ୍ଦ ରଖିଛନ୍ତି । ଇଉରୋପୀୟ ସଂଘର ସବୁ ଦେଶକୁ ଆଫ୍ରିକାର ସାତୋଟି ଦେଶକୁ ଲୋକଙ୍କ ଚଳାଚଳକୁ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି । ଯୁକ୍ତରାଷ୍ଟ୍ର ଆମେରିକାର ସରକାର ମଧ ଓମିକ୍ରନ ଆଶଙ୍କାରେ ଆଫ୍ରିକାର ସାତୋଟି ରାଷ୍ଟ୍ରକୁ ଚଳାଚଳ ଉପରେ ନିଷେଧାଜ୍ଞା ଜାରି ରଖିଛନ୍ତି ।

ଡିସେମ୍ବର ୬ ସୁଦ୍ଧା ଭାରତର ୨୧ଜଣ ରୋଗୀ ଓମିକ୍ରନ ଭୂତାଣୁ ସଂକ୍ରମିତ ହୋଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶ କରାଯାଇଛି । ନଭେମ୍ବର ମାସ ୨୪ ତାରିଖରେ ଦକ୍ଷିଣ ଆଫ୍ରିକାରେ ଓମିକ୍ରନ ଭୂତାଣୁ ଦେଖାଦେଇଥିବା ସଂପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଘୋଷଣା କରାଯାଇଥିଲା । ଯୁକ୍ତରାଷ୍ଟ୍ର ଆମେରିକାରେ ଓମିକ୍ରନ ସଂକ୍ରମିତ ଜଣେ ରୋଗୀ ଦେଖିବାକୁ ମିଳିଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲଭ ଅଗ୍ରୱାଲା କହିଛନ୍ତି ଯେ କର୍ଣ୍ଣାଟକରେ ୬୬ ଏବଂ ୪୬ ବର୍ଷୀୟ ଦୁଇଜଣ ଓମିକ୍ରନ ସଂକ୍ରମିତ ମିଳିଛନ୍ତି । ସେମାନଙ୍କ ଶରୀରରେ ଅଳ୍ପ ଲକ୍ଷଣ ଦେଖିବାକୁ ମିଳିଛି । ୨୧ ଡିସେମ୍ବର ୨୦୨୧ରେ ବିଦେଶରୁ ଭାରତକୁ ଆସିଥିବା ମୋଟ ୩୪୭୬ଜଣ



ଯାତ୍ରୀଙ୍କ ମଧ୍ୟରୁ ୬ଜଣ ରୋଗୀଙ୍କଠାରେ ସଂକ୍ରମଣର ଲକ୍ଷଣ ପରିଲକ୍ଷିତ ହୋଇଥିଲା । ଏହି ୬ଜଣଙ୍କଠାରେ ଓମିକ୍ରନ ଭୂତାଣୁ ଅଛି କି ନାହିଁ ଜାଣିବାକୁ ପରବର୍ତ୍ତୀ ଜେନୋମ ପରୀକ୍ଷା ଲାଗି ପଠାଯାଇଛି ।

୬ ଡିସେମ୍ବର ୨୦୨୧ ସୁଦ୍ଧା ପୃଥିବୀର ୪୦ଟି ଦେଶରେ ଓମିକ୍ରନ ଭୂତାଣୁ ପ୍ରବେଶ କରିଥିବା ସଂପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସୂଚନା ମିଳିଛି । କାଲିଫର୍ଣ୍ଣିଆ ଗଭର୍ଣ୍ଣର ଗାଭିନ ନିଉସମ୍‌ଙ୍କ କହିବାନୁଯାୟୀ ଦକ୍ଷିଣ ଆଫ୍ରିକାରୁ ସାନ୍ ଫ୍ରାନ୍‌ସିସ୍‌କୋ ବେ ଅଞ୍ଚଳକୁ ଫେରିଥିବା ପ୍ରଥମ ଓମିକ୍ରନ ସଂକ୍ରମିତ ରୋଗୀ ଜଣକ ୪୯ବର୍ଷରୁ କମ୍ ବୟସର ଏବଂ ଦୁଇ ପାନଟୀକା ପୂର୍ବରୁ ନେଇସାରିଛନ୍ତି । ଯେହେତୁ ଦ୍ୱିତୀୟପାନ ଟୀକା ନେବା ୬ମାସ ହୋଇ ନାହିଁ ତେଣୁ ତାଙ୍କୁ ବୁଷ୍ଟର ଡୋଜ୍ ଦିଆଯାଇନାହିଁ । ତେବେ ଆଗାମୀ ୩ରୁ ୬ମାସ ମଧରେ ଓମିକ୍ରନ ଭୂତାଣୁ ବିଶ୍ୱବାସୀଙ୍କୁ ବହୁତ କଷ୍ଟ ଦେବ ବୋଲି ଡାକ୍ତରମାନେ କହିଲେଣି । ବି ୧.୧.୫୨୯ ଶ୍ରେଣୀର ଓମିକ୍ରନ ଭୂତାଣୁ ୭୭ଜଣ ଲୋକଙ୍କଠାରେ ଦେଖାଦେଇଛି । ଭାରତ ସରକାର ବ୍ରିଟେନ, ଦକ୍ଷିଣ ଆଫ୍ରିକା, ବ୍ରାଜିଲ, ବୋତସ୍ୱାନା, ଚୀନ, ମରିସସ୍, ନିଉଜିଲାଣ୍ଡ, ଜିମ୍ବାୱେ, ସିଙ୍ଗାପୁର, ହଂକଂ ୭୨ଘଣ୍ଟା ଇସ୍ରାଏଲ ଆଦି ଦେଶରୁ ଭାରତକୁ ଯାତ୍ରା ଉପରେ କଟକଣା ଲଗାଇଛନ୍ତି । ବିମାନରେ ଭାରତକୁ ଆସୁଥିବା ଯାତ୍ରୀ ଯାତ୍ରା କରିବା ପୂର୍ବ ୭୨ଘଣ୍ଟା ମଧରେ କୋରୋନା ନେଗେଟିଭ ରିପୋର୍ଟ ଦେଖାଇ ବିମାନ ଯାତ୍ରା କରିପାରିବେ ବୋଲି କହିଛନ୍ତି ।

ଓମିକ୍ରନ ଆଶଙ୍କା ଦୃଷ୍ଟିରୁ ଦେଶର ସବୁ ଡାକ୍ତରଖାନାରେ ଅକ୍ସିଜେନ ବ୍ୟବସ୍ଥା ଯେପରି ଠିକ୍ ରହେ ସେଥିପାଇଁ ରାଜ୍ୟ ସରକାର ଏବେଠାରୁ ପ୍ରସ୍ତୁତ ରହିବା ପାଇଁ କେନ୍ଦ୍ର ପକ୍ଷରୁ ସଚେତନ କରାଯାଇଛି । ଡିସେମ୍ବର ୧୫ରୁ ସବୁ ଆନ୍ତର୍ଜାତିକ ବିମାନ ଚଳାଚଳ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଓମିକ୍ରନର ମାଡ ବିମାନସେବାକୁ ପୁଣି ଶୀତଳ ଭଣ୍ଡାରକୁ ଠେଲି ଦେଇଛି । ବିଗତ ଦିନରେ ୫୨ଲକ୍ଷରୁ ଅଧିକ ଜୀବନ ଯାଇଥିବା ହେତୁ ପୃଥିବୀର ପ୍ରତ୍ୟେକ ଦେଶ ଯେ ଓମିକ୍ରନ ପାଇଁ ଭୟଭୀତ ହେବେ ଏଥିରେ କିଛି ସନ୍ଦେହ ନାହିଁ । କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାର ଏବେଠୁ ଦ୍ୱିତୀୟ ଲହରର ତ୍ରୁଟି ସୁଧାରିବାକୁ ଚେଷ୍ଟା କରିବା ଦରକାର । ଚିକିତ୍ସାରେ ରୋଗୀମାନେ ଯେପରି ଅସହାୟ ନହୁଅନ୍ତି ସେଥିପାଇଁ ପ୍ରସ୍ତୁତି କରିବା ନିହାତି ଆବଶ୍ୟକ । ସେ ଦୃଷ୍ଟିରୁ କେରଳ, ରାଜସ୍ଥାନ,ଛତିଶଗଡ ଓ କର୍ଣ୍ଣାଟକ ରାଜ୍ୟ ସରକାର ନିଜ ରାଜ୍ୟରେ ଆମିକ୍ରନ ପାଇଁ ବୁଷ୍ଟର ଡୋଜ୍ ଦେବାକୁ ଅନୁମତି ଲାଗି କେନ୍ଦ୍ର ସରକାରଙ୍କୁ ଲେଖିଛନ୍ତି । ଆଗାମୀ ୧୫ଦିନ ଭିତରେ ଏଥିପାଇଁ ଗାଇଡଲାଇନ୍ ଜାରି ହୋଇପାରେ । ୪୦ରୁ ଅଧିକ ବୟସର ଲୋକଙ୍କୁ ଏହି ବୁଷ୍ଟର ଡୋଜ୍ ଦେବାକୁ ପ୍ରସ୍ତାବ ରହିଛି । ପୃଥିବୀର ପ୍ରାୟ ୩୫ରୁ ଅଧିକ ଦେଶ ଏବେ ବୁଷ୍ଟର ଡୋଜ ନାଗରିକମାନଙ୍କୁ ଦେଉଛନ୍ତି । ଆମେରିକା, କାନାଡା, ଅଷ୍ଟ୍ରିଆ, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ହଙ୍ଗେରୀ, ଇଟାଲୀ, ପୋଲାଣ୍ଡ, ସ୍ୱିଡେନ, ସ୍ପେନ, ଇସ୍ରାଏଲ, ବେଲଜିୟମ, ଡେନମାର୍କ, ନେଦରଲାଣ୍ଡ, ସ୍ୱିଜରଲାଣ୍ଡ, ଜାପାନ, ତୁର୍କୀ, ଚୀନ ଓ ଦକ୍ଷିଣ କୋରିଆରେ ଏହି ଡୋଜ୍ ଦେବା ଜାରି ରହିଛି । ଭାରତର ସିରମ ଇନଷ୍ଟିଚ୍ୟୁଟ ବୁଷ୍ଟର ଡୋଜ୍ ଛାଡିବାକୁ ସରକାରଙ୍କଠାରୁ ଅନୁମତି ରହିଁଛି । କାରଣ ଟୀକା ନେବାର ୯ମାସରୁ ୧ବର୍ଷ ଯାଏଁ ଶରୀରରେ ଆଣ୍ଟିବଡି ରହିଥାଏ ବାହ୍ୟ ଭୂତାରଣକୁ ପ୍ରତିରୋଧ କରିବା ପାଇଁ । ବୁଷ୍ଟର ଡୋଜ୍ ନେବାପରେ ପୁନର୍ବାର ସେହି ଆଣ୍ଟିବଡି ସ୍ତର ସମାନ ରହିଥାଏ । ଏହାର ଲକ୍ଷ୍ୟ ଶରୀରରେ ପ୍ରତିରୋଧକ ଶକ୍ତିର ସ୍ତରକୁ କାଏମ ରଖିବା ।

*-ଭାରତୀୟ ସମ୍ବାଦ ସେବା (ଭାସ), ଭୁବନେଶ୍ୱର-୭୫୧୦୦୩*

# ନାରୀ ନିର୍ଯାତନା ରୋକିବାକୁ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ସମାଜରେ ଆଜି ଯେତେ ମହିଳା ଦିବସ ପାଳନ, ନାରୀ ସଶକ୍ତିକରଣର ନାରାବାଜୀ ଦେଲେ ମଧ୍ୟ, ଏଯାବତ୍ ପୁରୁଷ ପ୍ରାଧାନ୍ୟ ସମାଜରେ, ନାରୀ ଅସୁରକ୍ଷିତ ଏବଂ ନିର୍ଯାତିତା, ଏହା ଶତ ପ୍ରତିଶତ ସତ୍ୟ। ଯୌନ ଉତ୍ପୀଡନ ଓ ହିଂସା ନିମନ୍ତେ ମୁଖ୍ୟତଃ ପୁରୁଷମାନେ ଦାୟୀ ହେଲେ ମଧ୍ୟ, ଝିଅମାନଙ୍କର ଅସହାୟତା ଓ ଦାରିଦ୍ର୍ୟତାର ସୁଯୋଗ ନେଇ, ତାଙ୍କୁ ଦେହ ବ୍ୟବସାୟରେ ନିୟୋଜିତ କରି, ସେମାନଙ୍କୁ ସାମାନ୍ୟ ଅର୍ଥ ପ୍ରଦାନ କରି, ନିଜେ ମୋଟା ଅଙ୍କର ଅର୍ଥ ଉପାର୍ଜନ କରିବାରେ, ରାଣୀ ମହୁମାଛିଙ୍କ ଭୂମିକା କିଛି କମ୍ ନୁହେଁ। ପାରିବାରିକ ନାରୀ ନିର୍ଯାତନା କ୍ଷେତ୍ରରେ ପୁରୁଷମାନଙ୍କ ଅପେକ୍ଷା, ନାରୀମାନେ ଅଧିକ ସକ୍ରିୟ ବୋଲି ପ୍ରତୀୟମାନ। ନିଜର ପିଲାମାନଙ୍କୁ ଭୋଜନରେ ଆପ୍ୟାୟିତ କରି, ନିଜେ ଖାଦ୍ୟ ଗ୍ରହଣ ନକରି ମଧ୍ୟ, ଯିଏ ଆତ୍ମତୃପ୍ତି ଅନୁଭବ କରେ , ସିଏ ହେଉଛି ମାଆ। କରୁଣାମୟୀ ସ୍ନେହମୟୀ ଜନନୀ। ପୃଥିବୀପୃଷ୍ଠରେ ପ୍ରକୃତିର ଏକ ଅନବଦ୍ୟ ସୃଷ୍ଟି। କିନ୍ତୁ ଅନେକ ସମୟରେ, ଅଧିକାଂଶ କ୍ଷେତ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ। ସମୟ ଥିଲା, ଯେତେବେଳେ କନ୍ୟାଟିଏ, ନବବଧୂ ପଦକୁ ଉତୀର୍ଣ୍ଣ ହେଉଥିଲା, ସେତେବେଳେ ଶାଶୁ ଓ ନଣନ୍ଦ ଶବ୍ଦ ପ୍ରତି ତାର ଅହେତୁକ ଭୟ ଏବଂ ଆଶଙ୍କା ଥିଲା। ଏବେ କିନ୍ତୁ ସମୟ ପରିବର୍ତନ ହୋଇଯାଇଛି, ଶାଶୁ ଆଶଙ୍କାଗ୍ରସ୍ତ, ବୋହୂଟି କେମିତି ପଡିବ, ମୋ କଥା ମାନିବ ତ ? ବୋହୁଟିର ପତି, ଦେବର ଓ ଶ୍ୱଶୁରଙ୍କ ପ୍ରତି ତୁଳନାତ୍ମକ ଭାବରେ କମ୍ ଭୟ ପରିଲକ୍ଷିତ ହୁଏ। ନାରୀ ତ' ସହନଶୀଳା, ସମ୍ବେଦନଶୀଳା, ଧୈର୍ଯ୍ୟଶୀଳା। ତେବେ ବୋହୂଟିର ଶାଶୁ ଓ ନଣନ୍ଦଙ୍କ ପ୍ରତି ଏ ଅହେତୁକ ଭୟର କାରଣ କ'ଣ ? ଅତୀତରେ ଯେତେ ଯୌତୁକଜନିତ ବା ପାରିବାରିକ ଅବୁଝାମଣାଜନିତ ବୋହୂପୋଡି ଘଟଣା ସଂଘଟିତ ହୋଇଅଛି, ପ୍ରାୟ ଅଧିକାଂଶ ଘଟଣାରେ ସ୍ୱାମୀ ଶ୍ୱଶୁରଙ୍କ ସଂପୃକ୍ତି, ନଣନ୍ଦ ଓ ଶାଶୁମାନଙ୍କ ଭୂମିକାଠାରୁ ଗୌଣ ବୋଲି ପ୍ରମାଣିତ ହୋଇଅଛି। ନାରୀମାନେ ନଚାହିଁଲେ କନ୍ୟାଭୃଣ ହତ୍ୟା ସାକାର ହେବା ସମ୍ଭବ ହେବନାହିଁ। କନ୍ୟା ସନ୍ତାନର ଅନାଗତ ଭବିଷ୍ୟତ, ଯୌତୁକ ଯୋଗାଡର ଭୟ, ପୁରୁଷପ୍ରାଧାନ୍ୟ ସମାଜରେ କନ୍ୟାମାନଙ୍କ ପ୍ରତି ପ୍ରଦର୍ଶିତ ଅବହେଳା ପରି କାରଣ ଯୋଗୁ, ନାରୀମାନେ ମଧ୍ୟ କନ୍ୟାଭୃଣ ହତ୍ୟା କରିବାକୁ ସହମତି ପ୍ରକାଶ କରୁଛନ୍ତି। ଏବେତ ନାରୀମାନଙ୍କ ସୁରକ୍ଷା ନିମନ୍ତେ ଯୌତୁକ ନିରୋଧ ତଥା କନ୍ୟାଭୃଣ ହତ୍ୟା ବିରୁଦ୍ଧରେ ଆଇନ ପ୍ରଣୟନ କରାଯାଇଛି। ସାହସର ସହିତ ନାରୀମାନେ ଏସବୁ ନିୟମର ସଦୁପଯୋଗ କରିପାରିବେ। କେବଳ ମାନସିକତାର ପରିବର୍ତନ ଲୋଡା। ନାରୀଟିଏ କନ୍ୟାଭୃଣ ହତ୍ୟା ନିମନ୍ତେ ସହମତି ପ୍ରକାଶ କରିବା, କ'ଣ ନାରୀଜାତି ପ୍ରତି ଶତୃତା ନୁହେଁ ? ଏପର୍ଯ୍ୟନ୍ତ ସମାଜରେ ମାତାଟିଏ କନ୍ୟା ଅପେକ୍ଷା ପୁତ୍ର ସନ୍ତାନ ପ୍ରତି ଅଧିକ ସ୍ନେହଶୀଳା ପରି ପ୍ରତୀୟମାନ। ଯେଉଁ ନାରୀଟି କନ୍ୟା ପାଖରେ ମାତା, ସେହି ନାରୀଟି ବୋହୂ ପାଖରେ ଶାଶୁ, କିନ୍ତୁ ଉଭୟଙ୍କ ପ୍ରତି ବ୍ୟବହାର ପ୍ରଦର୍ଶନରେ ଆକାଶ ପାତାଳ ତଫାତ୍। ଶୁଣାଯାଏ, ଆଗକାଳରେ, ଶାଶୁ ଓ ନଣନ୍ଦମାନେ, ନବବଧୂ ପ୍ରସ୍ତୁତ କରିଥିବା ଖାଦ୍ୟ ପଦାର୍ଥରେ ଅଧିକ ଲୁଣ ମିଶାଇ, ବୋହୂର କିଛି ଭୁଲଭାଲ୍ ହେଲେ, ତୋ ମା' କ'ଣ ତୋତେ ଏଇଆ ଶିଖାଇଥିଲା କହି, ବୋହୂର କୌଣସି ଜିନିଷର ଆବଶ୍ୟକତା ପଡିଲେ, ତୋ ବୋପାକୁ କହୁନୁ ଆଣିଦେବ କହି, ମାନସିକ ନିର୍ଯାତନା ଦେଉଥିଲେ। ସାମାଜିକ ପରିବର୍ତନ ପରିପ୍ରେକ୍ଷୀରେ, ଏହା ଅନେକାଂଶରେ ହ୍ରାସ ପାଇଥିଲେ ମଧ୍ୟ, ତାହା ସଂପୂର୍ଣ୍ଣ ଲୋପ ହୋଇନାହିଁ। ଏହା କ'ଣ ନାରୀ ଜାତି ପ୍ରତି ନାରୀର ଶତୃତା ନୁହେଁ? ଜ୍ୱାଇଁବାବୁଙ୍କୁ ସବୁବେଳେ ହାତରେ ରଖିବାକୁ, ଝିଅକୁ ପରାମର୍ଶ ଦେଉଥିବା ମାତା, ଯଦି କେବେ ଅନୁଭବ କରେ, ପୁଅଟି ବୋହୂର କୌଣସି କଥାକୁ ସମର୍ଥନ କରୁଛି, ତେବେ "ମାଇପବୋଲା" ପଦବୀଟି ବିଚରା ପୁତ୍ରଟିର ଧାର୍ଯ୍ୟ। ସେହି ନାରୀ ଜ୍ୱାଇଁଙ୍କୁ କୁହନ୍ତି, "ବାପା, ଆମେ କ'ଣ ତୁମର ବାପା ମାଆ ନୁହେଁ, ଆମ ଘରଆଡେ ଆସି ବୁଲାବୁଲି କରି ଯାଉଥିବ, "କିନ୍ତୁ ପୁଅଟି ଯଦି ଥରକୁ ଦୁଇଥର ଶଶୁର ଘରକୁ ଗଲା, ତେବେ ମହାଭାରତ ସୁନିଶ୍ଚିତ। ଝିଅକୁ ଯଦି ଜ୍ୱାଇଁ, ସହରରେ ନିଜ କର୍ମକ୍ଷେତ୍ରକୁ ସାଙ୍ଗରେ ନେଇଯାଆନ୍ତି, ତେବେ ମାଆଙ୍କର ଆନନ୍ଦଟି, ପୁଅ ନିଜ କର୍ମକ୍ଷେତ୍ରକୁ ବୋହୂକୁ ନେଇଯିବା



ପ୍ରସ୍ତାବରେ ଫିକା ପଡିଯାଏ ନାହିଁକି ? ବୋହୂ ମଧ୍ୟ, ନିଜ ଭଉଣୀର ପାଠପଢା, ବିବାହ ଇତ୍ୟାଦି ସମସ୍ତ ଦାୟିତ୍ୱ, ସ୍ୱାମୀ ନିର୍ବାହ କରନ୍ତୁ ବୋଲି, ଇଚ୍ଛା ପ୍ରକାଶ କରି, ସ୍ୱାମୀଙ୍କୁ ପ୍ରବର୍ତାଉଥିବା ସ୍ଥଳେ, ନଣନ୍ଦର ଭଲମନ୍ଦ ବୁଝିବା ପାଇଁ ତା' ଭାଇଙ୍କୁ କ'ଣ ପ୍ରୋତ୍ସାହିତ କରେ ? ବୋହୂଟି କାହିଁକି ତାର ଶାଶୁଙ୍କୁ ନିଜ ମାଆ ଦୃଷ୍ଟିରେ ଏବଂ ଶାଶୁଟି କାହିଁକି ତା'ର ବୋହୂକୁ କନ୍ୟା ଦୃଷ୍ଟିରେ ଦେଖିବା ପାଇଁ ପଶ୍ଚାତ୍‌ପଦ ହେଉଛନ୍ତି ? ଏହା ଅବଶ୍ୟ ସମସ୍ତଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ। ଝିଅଟିଏ ଯେତେବେଳେ, ଗୋଟିଏ ଦିନରେ ନିଜର ସମସ୍ତ ପ୍ରିୟଜନଙ୍କୁ ପର କରି, ସଂପୂର୍ଣ୍ଣ ଅଜଣା, ଅଶୁଣା ଅପରିଚିତ ଲୋକଙ୍କ ସହିତ, ସାରାଜୀବନ କଟାଇବା ପାଇଁ ବିବାହ ବନ୍ଧନରେ ଆବଦ୍ଧ ହୁଏ, ସେତେବେଳେ ଶାଶୁଘର ଲୋକେ ତାର ମାନସିକତାକୁ ଅଧ୍ୟୟନ କରି, ତା' ପ୍ରତି ଯଥେଷ୍ଟ ସମ୍ବେଦନଶୀଳ ହେବା, ଏକାନ୍ତ ଆବଶ୍ୟକ। ଶାଶୁ ବୋହୂଙ୍କର ପାରମ୍ପରିକ ଅସୂୟା ଓ ବିଦ୍ୱେଷ ଭାବ ଯୋଗୁ, ସେମାନଙ୍କ ମଧ୍ୟରେ ସମତା ରକ୍ଷାକରିବାର, କଳାକୌଶଳ ଏବଂ ଚତୁରତାକୁ ଆୟତ କରିପାରି ନ ଥିବା, ଅନେକ ଅସହାୟ ପୁତ୍ର ସାରାଜୀବନ ମାନସିକ ଅଶାନ୍ତି ଭିତରେ କାଳାତିପାତ କରୁଛନ୍ତି। ପୁଅର ବିବାହ ପୂର୍ବରୁ, ମାଆ ପୁଅଙ୍କ ମଧ୍ୟରେ ଉପୁଜୁଥିବା ଅନେକ ଅବୁଝାମଣା ଓ ଆକ୍ଷେପ, ପ୍ରତ୍ୟାକ୍ଷେପର ସହଜ ସମାଧାନ ହୋଇଯାଉଥିଲେ ମଧ୍ୟ, ବିବାହ ପରେ ତାହା ସମ୍ଭବ ହେଉନାହିଁ। ସ୍ତ୍ରୀ ଆଗରେ ମାଆ ପୁଅକୁ ବା ବୋହୂ ଆଗରେ ପୁଅ ମାଆକୁ କିଛି କହିଦେଲେ, ଉଭୟ ପକ୍ଷ କେହି ତାହା ସହଜରେ ଗ୍ରହଣ କରିପାରୁନାହାନ୍ତି। ସମାଜରେ ଉଚ୍ଚମନା, ସ୍ନେହଶୀଳା ନାରୀଙ୍କର ଅଭାବ ନାହିଁ। କିନ୍ତୁ ଅନେକ କ୍ଷେତ୍ରରେ ଅଜ୍ଞତା ଏବଂ ଈର୍ଷା, ଦ୍ୱେଷ ଅହଙ୍କାର ପରି, ପ୍ରକୃତିଦତ୍ତ ରିପୁକୁ ଆୟତ ନକରିପାରିବା ଯୋଗୁଁ, ଅନେକ ପରିବାର ଆଜି ଖଣ୍ଡବିଖଣ୍ଡିତ, ଅଶାନ୍ତିର ବହ୍ନି ପ୍ରଜ୍ୱଳିତ। ପରିବାର କହିଲେ, ସ୍ୱାମୀ, ସ୍ତ୍ରୀ ଏବଂ ସେମାନଙ୍କର ପିଲା। ବୃଦ୍ଧ ପିତାମାତା ଆଜି ଅବହେଳିତ। ପୁରୁଷମାନେ ମଧ୍ୟ ଏଥିନିମନ୍ତେ କିଛି କମ୍ ଦାୟୀ ନୁହନ୍ତି ! ଯୁଗେ ଯୁଗେ ପୁରୁଷ ନାରୀମାନଙ୍କର ବଶ୍ୟ। ନଚେତ୍ ମର୍ଯ୍ୟାଦାପୁରୁଷ ପ୍ରଭୂ ଶ୍ରୀରାମଚନ୍ଦ୍ର, ମାତା ସୀତାଦେବୀଙ୍କ ଅନୁରୋଧରେ, ସ୍ୱର୍ଣ୍ଣମୃଗର ଅନୁଧାବନ କରି ନ ଥା'ନ୍ତେ। ତେଣୁ ନାରୀମାନେ ନାରୀର ଶତ୍ରୁ ନସାଜି, ଆତ୍ମଅନୁଧ୍ୟାନ ପୂର୍ବକ, ପରିବର୍ତିତ ସାମାଜିକ ବ୍ୟବସ୍ଥା ସହିତ ନିଜକୁ ଖାପ୍ ଖୁଆଇଦେଲେ, ନିଜେ ଶାନ୍ତିରେ ରହିବା ସହିତ, "ଶାଶୁ ବୋହୂ କଳି" ପରି ଏକ ଶ୍ରୁତିକଟୁ ଉକ୍ତି, ସମାଜରୁ ଲୋପ ପାଇପାରନ୍ତା, ଏହା ନିଃସନ୍ଦେହ।

**—ପ୍ରଦୀପ୍ତ ଆଚାର୍ଯ୍ୟ,** ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଇଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦




# ଓ୍ୱାର୍କିଂ ପ୍ଲାନ କାର୍ଯ୍ୟାଳୟ ସମ୍ମୁଖରେ କୁଢ କୁଢ ଆବର୍ଜନା, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କଲେ ଅଧିକାରୀ

କେନ୍ଦୁଝର,(ପି.ଏନ): ପୁରୁଣା ସହର ବସଷ୍ଟାଣ୍ଡ ନିକଟରେ ଥିବା କାର୍ଯ୍ୟକାରୀ ଯୋଜନା (ଓ୍ୱାର୍କିଂ ପ୍ଲାନ) ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୁଢ କୁଢ ଆବର୍ଜନାକୁ ନେଇ ପରିବେଶ ପ୍ରଦୂଷିତ ହେଉଛି । ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ଅଫିସ ସମ୍ମୁଖରେ ବସ୍ତାରେ ଭର୍ତ୍ତି କରି ଆବର୍ଜନା ରଖାଯାଇଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହିତ ଲୋକଙ୍କୁ ମାଲେରିଆ ଓ ଡେଙ୍ଗୁ ଭୟ ଘାରିଛି । ପୌରପାଳିକା ପକ୍ଷରୁ ଲୋକଙ୍କ ବିରୋଧ ସତ୍ତ୍ୱେ ନିଜଗଡ ଏମ୍‌ସିସି-୨ ପ୍ରତିଷ୍ଠା କରାଯାଇ ଘରୁ ସଂଗ୍ରହ କରାଯାଉଥିବା ଶୁଖିଲା ଏବଂ ଓଦା ଅଳିଆ ଆବର୍ଜନା ଏହି ସ୍ଥାନକୁ ଅଣାଯାଇ ଟ୍ରିଟମେଣ୍ଟ ପରେ ଖତ କରାଯାଉଛି । ସହର ଭିତରୁ ଦୈନିକ ଉଠୁଥିବା ୨୦ ରୁ ୨୫ ଟ୍ରିପ ଆବର୍ଜନା ପକାଇବା ପାଇଁ ଡମ୍ପିଂୟାର୍ଡ ନଥିବାରୁ ଏହି ସ୍ଥାନକୁ ପ୍ଲାଷ୍ଟିକ ବସ୍ତାରେ ଆବର୍ଜନା ଅଣାଯାଉଛି । ନିଜଗଡ ଏମ୍‌ସିସି-୨ ଭିତରେ ଆବଶ୍ୟକ ଜାଗା ନଥିବାରୁ




ବସ୍ତାରେ ଅଳିଆ ଅଫିସ ସମ୍ମୁଖରେ ରଖାଯାଉଛି । ଫଳରେ ଅଫିସ ଏବଂ କ୍ୱାର୍ଟରରେ ରହୁଥିବା କର୍ମଚାରୀ ଦୁର୍ଗନ୍ଧରେ ବାହାରକୁ ବାହାରି ପାରୁନାହାଁନ୍ତି । କେବଳ ସରକାରୀ ଅଫିସ ନୁହେଁ ନିକଟରେ ଜନବସତି ସହ ବସ ଟର୍ମିନାଲ୍ ବିଲଡିଂରେ ଫୁଡକୋର୍ଟ, ପ୍ରତୀକ୍ଷାଳୟ, ଟିକେଟ କାଉଣ୍ଟର, ଅଫିସ, ପ୍ରାଥମିକ ଚିକିତ୍ସା କୋଠରୀ, ଦୋକାନ, ଏଟିଏମ୍, ପୁରୁଷ ଓ ମହିଳାଙ୍କ ପାଇଁ ଶୌଚାଳୟ ସହ ଦୋକାନ ଘର ରହିଛି । ବର୍ଷା ହେଲେ ଆବର୍ଜନାରୁ ଦୂଷିତ ଜଳ ନିକଟସ୍ଥ ନାଳରେ ପ୍ରବାହିତ ହୋଇ ଜଳ ପ୍ରଦୂଷଣ କରୁଛି । କେନ୍ଦୁଝରଗଡ ପୌରପାଳିକା ୭୧ ବର୍ଷର ସର୍ବପୁରାତନ ପୌରପାଳିକା ହୋଇଥିଲେ ମଧ ଅଦ୍ୟାବଧି ଡମ୍ପିଂୟାର୍ଡ ପାଇଁ ସ୍ଥାନ ଚିହ୍ନଟ ହୋଇ ପାରୁନଥିବାରୁ ସହର ର ଅଳିଆ ଆବର୍ଜନା ରାସ୍ତାକଡରେ, ଜୁଡିଆ ଜଙ୍ଗଲ ନିକଟରେ ଏବଂ ଅନ୍ୟ ସର୍ବସାଧାରଣ ସ୍ଥାନରେ ପକାଯାଉଛି । ଅଳିଆ ଆବର୍ଜନା ଖୋଲା ସ୍ଥାନରେ ପକାଯାଉଥିବାରୁ ଜଳ, ବାୟୁ ପ୍ରଦୂଷଣ ହେବା ସହ ମଇଳା ଏବଂ ହୋଟେଲ ବାସି ଖାଦ୍ୟ ଖାଇ ଗୃହପାଳିତ ପଶୁ ବିଭିନ୍ନ ରୋଗର ଶୀକାର ହେଉଛନ୍ତି । ସହରର ବିଭିନ୍ନ ସ୍ଥାନରେ ଆବର୍ଜନା ପକାଯାଉଥିବାରୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ସ୍ୱଚ୍ଛତା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଥିବାବେଳେ କେନ୍ଦୁଝଗଡ ପୌରପାଳିକା ଏଥିପ୍ରତି ଅଣଦେଖା କରୁଛି । କେନ୍ଦୁଝର ସହରର ଲୋକ ସଂଖ୍ୟା ୧ ଲକ୍ଷରୁ ଅଧିକ ଥିବାବେଳେ ଡମ୍ପିଂୟାର୍ଡ ପାଇଁ ପ୍ରଶାସନ କୌଣସି ସ୍ଥାନ ଚିହ୍ନଟ ନେଇ ପଦକ୍ଷେପ ନେଉନଥିବାରୁ ଆଗାମୀ ଦିନରେ ବର୍ଜ୍ୟବସ୍ତୁ ଲୋକଙ୍କ ପାଇଁ ବିପଦର କାରଣ ହେବ ବୋଲି କୁହାଯାଉଛି । ଓ୍ୱାର୍କିଂ ପ୍ଲାନ କାର୍ଯ୍ୟାଳୟ ସମ୍ମୁଖରେ ସହରର ଅଳିଆ ଆବର୍ଜନା ପକାଯାଉଥିବାରୁ କାର୍ଯ୍ୟକାରୀ ଯୋଜନା ଅଧିକାରୀ ସୁଶିଲ କୁମାର ନାୟକ ଜିଲ୍ଲାପାଳଙ୍କୁ ଅବଗତ କରି ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।

# ପଲିଥିନ୍ ତଳେ ଅସହାୟ ମହିଳା

ଆନନ୍ଦପୁର,(ପି.ଏନ):ଅସହାୟ ପରିବାରକୁ ସରକାରୀ ଆବାସ ଯୋଗାଇ ଦିଆଯାଉଥିବା ନେଇ ସରକାର ଘୋଷଣା କରିଥିବା ବେଳେ ଘଷିପୁରା ଗ୍ରାମାଞ୍ଚଳରେ ଅନେକ ଲୋକ ପଲିଥିନ୍ ତଳେ ରହୁଥିଲେ ମଧ ସେମାନଙ୍କୁ ଜାଣିଶୁଣି ଆବାସରୁ ବଂଚିତ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ଆସୁଛି । ଗଡବାନ୍ଧଗୋଡା ଗ୍ରାମର ବିଧବା ମହିଳା ବାସନ୍ତି ବିଶ୍ୱାଳ(୬୫) ଅସହାୟ ଅବସ୍ଥାରେ ପଲିଥିନ ତଳେ ରହୁଥିବା ଦେଖିବାକୁ ମିଳିଛି । ବାସନ୍ତୀଙ୍କ ସ୍ୱାମୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଆବେଦନ କରି କରି ଶେଷରେ ବର୍ଷକ ତଳେ ଆରପାରିକୁ ଚାଲିଗଲେ ତଥାପି ଆଜି ପର୍ଯ୍ୟନ୍ତ ତାଙ୍କ ବିଧବା ପତ୍ନୀଙ୍କୁ ଘର ଖଣ୍ଡିଏ ମିଳିପାରି ନାହିଁ । ସ୍ୱାମୀ ଆରପାରିକୁ ଚାଲିଯିବା ପରେ ସେ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡିଥିବା ବେଳେ ଅତି ଦୟନୀୟ ଅବସ୍ଥାରେ ସେ ପଲିଥିନ୍ ଟାଙ୍ଗି ଆଶ୍ରୟ ନେଇଛନ୍ତି । ସାମାନ୍ୟ ବର୍ଷା ହେଲେ ଘର ଭିତରେ ପାଣି ଭର୍ତ୍ତି ହେଉଥିବା ବେଳେ ଲଗାଣ ଲଘୁଚାପ ଜନିତ ବର୍ଷାରେ ତାଙ୍କର ଅବସ୍ଥା ବହୁ ଦୟନୀୟ ହୋଇ ପଡିଛି । ତାଙ୍କର ତିନିପୁଅ ଥିଲେ ମଧ ସେମାନେ ସମସ୍ତେ ଅଲଗା ଅଲଗା ରହୁଛନ୍ତି । ବାସନ୍ତିଙ୍କ ପରିବାର ପ୍ରତି ଦୃଷ୍ଟି ଦେବାକୁ ସମାଜସେବୀ ବିଜେପି ନେତା ବିଚିତ୍ର ଚକ୍ର ଆନନ୍ଦପୁର ପ୍ରଶାସନକୁ ଅନୁରୋଧ କରିଛନ୍ତି ।

# ଲଗାଣ ବର୍ଷା ଫଳରେ ଚାଷୀ ହତାଶ

ଭଗାମୁଣ୍ଡା,(ପି.ଏନ):ବାତ୍ୟା ଜୱାଦର ପ୍ରଭାବରେ ଧନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିବା ବେଳେ ଆଜି ପୁଣି ଲଗାଣ ବର୍ଷା ଫଳରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକର ଭଗାମୁଣ୍ଡା ଅଂଚଳର ଚାଷୀମାନେ ହତାଶ ହୋଇ ପଡିଛନ୍ତି । ବାତ୍ୟା ଜୱାଦର ପ୍ରଭାବରେ ପାଚିଲା ଧାନ ବିଲରେ ପାଣି ଚାଲିବା ଫଳରେ ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥିବା ବେଳେ ଆଶା ଥିଲା କିଛି ଧାନ ଅମଳ ହୋଇପାରିବ ବୋଲି । କିନ୍ତୁ ତୁହାକୁ ତୁହା ବର୍ଷା ସାଙ୍ଗକୁ ପବନ ହେବା ଦ୍ୱାରା ଧାନଗଛ ସବୁ ପାଣିରେ ପଡି ବୁଡି ରହିଛି ଫଳରେ ଚାଷୀଙ୍କ ଆହାର ଉପରେ ପାହାର ସଦୃଶ ହୋଇଛି । ଚଳିତ ବର୍ଷ ବିଳମ୍ବରେ ବର୍ଷା ହେବା ଯୋଗୁଁ ଚାଷ କାମ ମଧ ବିଳମ୍ବରେ ହୋଇଥିଲା । କେଉଁ ଚାଷୀ ଧାନ କାଟି ବିଲରେ ପକାଇ ଥିବା ବେଳେ କେଉଁ ଚାଷୀ ଆଜି ପର୍ଯ୍ୟନ୍ତ ଧାନ ମଧ କାଟି ନାହିଁ । କେମିତି ଧାନ କାଟି ଅମଳ କରିବ ସେହି ଚିନ୍ତାରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ଆଉ କିଛି ଚାଷୀ ହତାଶ ହୋଇ କହିଛନ୍ତି ଏ ବର୍ଷ ଧାନ ଅମଳ କରିବା ସମ୍ଭବପର ନୁହେଁ । ତେଣୁ ଜିଲ୍ଲା ପ୍ରଶାସନ ଏସବୁ ଅଂଚଳକୁ ପରିଦର୍ଶନ କରି କ୍ଷୟକ୍ଷତି ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି ।

# ପୂର୍ତ୍ତ ଓ ଗୃହ ନିର୍ମାଣ ସହକାରୀ ଯନ୍ତ୍ରୀଙ୍କ ପରଲୋକ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ପୂର୍ତ୍ତ ଓ ଗୃହ ବିଭାଗର ସହକାରୀ ଯନ୍ତ୍ରୀ ଆନନ୍ଦ କୁମାର କାରୁଆଁଙ୍କ ଆଜି ପରଲୋକ ହୋଇଯାଇଛି । ସେ ଘଷିପୁରା ସ୍ଥିତ ଉପଖଣ୍ଡ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରି ଆସୁଥିଲେ । କିଛି ଦିନ ପୂର୍ବେ ତାଙ୍କର ଦେହ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ପ୍ରଥମେ ଆମ୍ରି ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍‌ସ ଡାକ୍ତରଖାନାକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସିତ ହେଉଥିବା ବେଳେ ଅକ୍ସିଜେନ୍ ଲେଭେଲ ଜମିଯିବା ଫଳରେ ତାଙ୍କର ହାର୍ଟଚୋକ୍‌ରେ ବିୟୋଗ ଘଟିଥିବା ଜଣାପଡିଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ଓ ସାନପୁଅ ଉପସ୍ଥିତ ଥିଲେ । ସ୍ୱର୍ଗତ କାରୁଆଁଙ୍କ ମୃତ୍ୟୁରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରୋ ଶୋକର ଛାୟା ଖେଳିଯାଇଛି । ତାଙ୍କର ଶେଷକୃତ ପୁରୀ ସ୍ୱର୍ଗଦ୍ୱାରରେ କରାଯାଇଥିବା ପରିବାର ପକ୍ଷରୁ ସୂଚନା ମିଳିଛି ।

# ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ହୃଦ୍‌ଘାତରେ ଯୁବକ ମୃତ

ଝୁମ୍ପୁରା,(ପି.ଏନ): ଝୁମ୍ପୁରା ଉପଖଣ୍ଡ ପଳାସପଙ୍ଗା ଫାଣ୍ଡି ଅର୍ନ୍ତଗତ ଟାଙ୍ଗରାଣୀ ଗ୍ରାମର ସୁଦର୍ଶନ ବ୍ରହ୍ମଙ୍କ ସାନ ପୁଅ ଧର୍ମାନନ୍ଦ ବ୍ରହ୍ମ (ଠୁଙ୍ଗୁରୁ) ୪୨ବର୍ଷ ବୁଧବାର ରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଜଣାପଡିଛି । ଧର୍ମାନନ୍ଦର ମୃତ୍ୟୁ ଖବର ପାଇ ଆଖପାଖ ଅଚଂଳରେ ଶୋକର ଛାୟା ଖେଳି ଯାଇଛି । ସୂଚନା ମୁତାବକ ଧର୍ମାନନ୍ଦ ଜଣେ ମେଳାପି, ନିର୍ଭୀକ ଯୁବକ ଥିବାରୁ ତାଙ୍କୁ ଅଚଂଳବାସୀ ଆଦରରେ ଠୁଙ୍ଗୁରୁ ନାମରେ ଡାକୁଥିଲେ । କାହା ଘର ଭିତରେ ବିଷଧର ସାପ ପଶିଗଲେ ସଙ୍ଗେ ସଙ୍ଗେ ଠୁଙ୍ଗୁରୁକୁ ଡାକରା ପଡୁଥିଲା । ସେ ସାହାସର ସହିତ କୌଶଳ କ୍ରମେ ସାପକୁ ଧରି ଜଙ୍ଗଲରେ ଛାଡୁଥିଲେ । ତାଙ୍କର ଦୁଇ ଝିଅ ଏବଂ ଚାରି ବର୍ଷର ପୁଅ ଟିଏ । ବୁଧବାର ରାତି ଖାଇ ସାରି ତାଙ୍କ ଦୋକାନର ଚୌକି ଉପରେ ଧର୍ମାନନ୍ଦ ବସିଥିଲେ । ଚୌକି ଉପରୁ ହଠାତ୍ ତଳେ ଖସି ପଡିଲେ ଧର୍ମାନନ୍ଦ । ତାଙ୍କୁ ତୁରନ୍ତ ଝୁମ୍ପୁରା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରାଯାଇଥିଲା । ତାଙ୍କର ହୃଦ୍‌ଘାତ ଜନିତ ସମସ୍ୟା ଯୋଗୁଁ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତୁରନ୍ତ କେନ୍ଦୁଝରଗଡ ମୁଖ୍ୟ ଡାକ୍ତରଖାନକୁ ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଦେଇଥିଲେ । କେନ୍ଦୁଝରଗଡ ଡାକ୍ତରଖାନାରେ ଡାକ୍ତର ଧର୍ମାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁବାର ଦିନ ନିଜ ଗ୍ରାମ ଶ୍ମଶାନରେ ଧର୍ମାନନ୍ଦର ଅନ୍ତିମ ସଂସ୍କାର କରାଯାଇଥିଲା

# ସରସ୍ୱତୀ ଶିଶୁ ମନ୍ଦିରରେ ଜେନେରାଲ ରାୱାତଙ୍କୁ ଶ୍ରଦ୍ଧାଳୀ

ଘଷିପୁରା,(ପି.ଏନ):ଭାରତର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଜେନେରାଲ ବିପିନ ରାୱାତଙ୍କ ଆକସ୍ମିକ ବିମାନ ଦୁର୍ଘଟଣା ଜନିତ ନିଧନରେ ଘଷିପୁରା ସରସ୍ୱତୀ ଶିଶୁ ମନ୍ଦିରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତେ ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ପରିଚାଳନା କମିଟି ସଭାପତି ଚିତ୍ତରନ ଦାଶ, ସମ୍ପାଦକ କିଶୋର ନାୟକ, ଉପସଭାପତି ଘାସିରାମ ନାୟକ, ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ରାୱାତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରାଯାଇଥିଲା ଏବଂ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ରାୱାତଙ୍କ ଦେଶ ଭକ୍ତି, ତ୍ୟାଗପୁତ ଜୀବନର ସ୍ମୃତି ଚାରଣ କରିବାକୁ ଯାଇ ଯେଉଁ ମହାନ ନାମ ଶୁଣିଲେ ଶତ୍ରୁ ରାଷ୍ଟ୍ରର ନିଦ ହଜି ଯାଉଥିଲା ସେହିଭଳି ଜଣେ ସୌର୍ଯ୍ୟବାନ ବ୍ୟକ୍ତିତ୍ୱଙ୍କୁ ହରାଇ ଦେଶ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଅଭିହିତ କରିଥିଲେ ।

# ଟ୍ରକ୍ ଧକ୍କାରେ ୩ ଯୁବକ ଆହତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ନେଉଳପୁର ଛକ ନିକଟରେ ଆଜି ରାତି ପ୍ରାୟ ସାଢେ ୮ଟାରେ ଏକ ଟ୍ରକ୍ ଧକ୍କାରେ ୩ଜଣ ଯୁବକ ଆହତ ହୋଇଛନ୍ତି । ସ୍ଥାନୀୟ ବମ୍ଫୁ ଗ୍ରାମର ବିଜୟ କୁମାର ମୁଦୁଲି(୩୮), ଅଭୟପୁର ଗାଁର ସୁରଜ ପରିଡା(୪୦) ଓ ବଡମଙ୍ଗଳପୁର ଗ୍ରାମର ପପୁ ମଲିକ(୨୬) ଏକ ବାଇକ୍‌ରେ ଚଣ୍ଡିଖୋଲ ଅଭିମୁଖେ ଯାଉଥିଲେ । ଏହି ସମୟରେ ପଛପଟୁ ଆସୁଥିବା ଟ୍ରକ୍ ବାଇକ୍‌କୁ ଧକ୍କା ଦେଇଥିଲା । ଯୁବକମାନେ ବାଇକ୍‌ରୁ ପଡି ଆହତ ହୋଇଥିଲେ । ତୁରନ୍ତ ସେମାନଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି ।

# ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହଜାର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଚ୍ଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ, ମାଣ୍ଡିଆ ଚାଷ ଏବଂ ସିଆଳି ଖଳି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

# ଇତିହାସ ବିଭାଗର ନବୀନବରଣ ଉତ୍ସବ



ଧର୍ମଶାଳା, (ପିଏନ୍): ଧର୍ମଶାଳା ମହାବିଦ୍ୟାଳୟ ଇତିହାସ ବିଭାଗର ନବୀନବରଣ ଉତ୍ସବ କଲେଜ୍ ପରିସରରେ ଆଜି ଅନୁଷ୍ଠିତ ହୋଇଥିଲା । କଲେଜ୍ ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ତ୍ରୈଲୋଚନ ପାଢୀ, ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ଅଧ୍ୟାପକ ବ୍ରଜବନ୍ଧୁ ଭଞ୍ଜ ଓ ରାଜନୀତି ବିଜ୍ଞାନ ମୁଖ୍ୟ ପ୍ରାଧ୍ୟାପକ ହରପ୍ରସନ୍ନ ବିଶ୍ୱାଳ ଯୋଗଦେଇ ଇତିହାସର ଅର୍ଥ ଓ ଛାତ୍ରଛାତ୍ରୀଙ୍କ ଜୀବନରେ ଏହାର ଆବଶ୍ୟକତା ସଂପର୍କରେ ମତବ୍ୟକ୍ତ କରିଥିଲେ । ସଂଗୀତ ଅଧ୍ୟାପକ ପୀତବାସ କର ସ୍ୱାଗତ ସଂଗୀତ ଗାନ କରିଥିଲେ । ଶେଷ ବର୍ଷ ଛାତ୍ର ଦେବାଶିଷ ବେହେରା ଓ ବିକାଶ କୁମାର ମଲିକ କଲେଜ୍‌ର ଗାରିମା ଓ ଇତିହାସ ବିଭାଗ ସଂପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିଭାଗୀୟ ଅଧ୍ୟାପକ ବିଶ୍ୱଜିତ୍ ନାୟକ ଧନ୍ୟବାଦ ଦେଇଥିଲେ ।

# ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ଓ୍ୱାର୍ଡ ମେମ୍ବର ଇରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

# ଶିକ୍ଷାବିତ୍‌ଙ୍କ ପରଲୋକ

ଘଷିପୁରା,(ପି.ଏନ):ଘଷିପୁରା ସ୍ଥିତ ଝାଡେଶ୍ୱର ହାଇସ୍କୁଲର ପୂର୍ବତନ ବିଜ୍ଞାନ ଶିକ୍ଷକ ଭାସ୍କର ଚନ୍ଦ୍ର ପ୍ରଧାନ(୬୪)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସୂଚନା ଅନୁସାରେ ସ୍ୱର୍ଗତ ପ୍ରଧାନ ଗତ କିଛିଦିନ ହେବ ନୂଆଦିଲ୍ଲୀସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଦେହାନ୍ତ ହୋଇଥିଲା । ସ୍ୱର୍ଗତ ପ୍ରଧାନ ଘଷିପୁରା ସ୍ଥିତ ଝାଡେଶ୍ୱର ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ ଶିକ୍ଷକତା କରୁଥିବା ବେଳେ କେନ୍ଦ୍ର ସରକାରଙ୍କ ନବଦ୍ୱୟ ବିଦ୍ୟାଳୟରେ ନିଯୁକ୍ତି ପାଇ ୨୦୧୭ ମସିହାରେ ଚାକିରୀରୁ ଅବସର ଗ୍ରହଣ କରି ସମ୍ବଲପୁରରେ ଅବସ୍ଥାନ କରୁଥିଲେ । ସ୍ୱର୍ଗତ ପ୍ରଧାନ ଜଣେ ଅମାୟୀକ ତଥା ଛାତ୍ରବତ୍ସଳ ବ୍ୟକ୍ତି ଥିଲେ ବୋଲି ଝାଡେଶ୍ୱର ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ସାହୁ ପ୍ରକାଶ କରିଛନ୍ତି । ତାଙ୍କର ବିୟୋଗରେ ଝାଡେଶ୍ୱର ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସାହୁ, କ୍ରୀଡାବିତ୍ ବୁଲୁ ପଟ୍ଟନାୟକଙ୍କ ସମେତ ବହୁ ପୁରାତନ ଛାତ୍ର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତ ପ୍ରଧାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ର ପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ୍ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

# ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ରତ୍ନପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।




# ଅବହେଳିତ ସ୍ୱାସ୍ଥକେନ୍ଦ୍ର, ଡାକ୍ତରଙ୍କ ଅନୁପସ୍ଥିତକୁନେଇ ଜନଅସନ୍ତୋଷ




ଚଣ୍ଡିଖୋଲ,(ପିଏନ): ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଅଧୀନରେ ଥିବା କୋଲ୍‌ହାସିଂ- ଖରମଂଗୀ ପ୍ରାଥମିକ ସ୍ୱାସ୍ଥକେନ୍ଦ୍ର ଏବେ ଅବହେଳିତ ଅବସ୍ଥାରେ ରହିଅଛି ଯାହାକୁନେଇ ସାଧାରଣରେ ଜନଅସନ୍ତୋଷ ବଢ଼ିବାରେ ଲାଗୁଛି ।୬ ଶଯ୍ୟା ବିଶିଷ୍ଟ ଏହି ସ୍ୱାସ୍ଥକେନ୍ଦ୍ରଟି ୨୦୦୪ ମସିହାରେ ତତ୍କାଳୀନ ସ୍ୱାସ୍ଥ ମନ୍ତ୍ରୀ ପ୍ରଫୁଲ୍ଲଚନ୍ଦ୍ର ଘଡେଇ ଓ ବିଧାୟକ ଅମର ପ୍ରସାଦ ଶତପଥିଙ୍କ ଦ୍ୱାରା ଏହି ପ୍ରାଥମିକ ସ୍ୱାସ୍ଥକେନ୍ଦ୍ରଟି ଉଦଘାଟିତ ହୋଇଥିଲା। ନିକଟବର୍ତ୍ତୀ କୋଲ୍‌ହାସିଂ,ସିହା, ଖରମଂଗୀ,ଗୋଡିମାଗୁରା, ଅଭୟପୁର, କମ୍ପିରା ଗାଁର ୫୦୦୦ ରୁ ଉର୍ଧଜନ ସାଧାରଣ ଲୋକ ନିର୍ଭର କରିଥାନ୍ତି। ଏହି ସବୁ ଗାଁରେ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରିଥାନ୍ତ । ଗୋଷ୍ଠୀସ୍ୱାସ୍ଥକେନ୍ଦ୍ର ବଡ଼ଚଣା ଏଠାରୁ ୧୮ କିମିରୁ ଉର୍ଧ ହେଇଥିବାରୁ ଏହି ଆଦିବାସୀ ଓ ଦଳିତ ସମ୍ପ୍ରଦାୟର ଲୋକମାନେ ଏତେ ଦୁରକୁ ଯିବା କଷ୍ଟସାଧହୋଇଥାଏ, ଯାହାକୁ ଆଖି ଆଗରେ ରଖି ରାଜ୍ୟସରକାର ଏଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଥିଲେ ମାତ୍ର ଏହି କେନ୍ଦ୍ରରେ ନିୟମିତଭାବେ ଡାକ୍ତର ଆସୁନଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରଟି ଅବହେଳିତ ଅବସ୍ଥାରେ ପଡିରହିଅଛି। ଡାକ୍ତର ନଆସୁଥିବାରୁ ରୋଗୀମାନେ ବହୁସମୟରେ ହଇରାଣ ହରକତ ହେଇ ବାଧ ହେଇ ଅଧିକ ଖର୍ଚ୍ଚାନ୍ତହେଇ ବଡଚଣାକୁ ଆସିବାକୁ ବାଧ ହେଉଛନ୍ତି । ପ୍ରତିଦିନ କେବଳ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ଜଣେ ନର୍ସ ସ୍ୱାସ୍ଥକେନ୍ଦ୍ରଟିକୁ କିଛି ସମୟପାଇଁ ଖୋଲିଦେଇ ବନ୍ଦ କରିଦେଉଥିବା ଗ୍ରାମବାସିମାନେ ଅଭିଯୋଗ କରିଛନ୍ତି.ଡାକ୍ତର ଆସୁନଥିବାରୁ ଗର୍ଭବତୀ ମହିଳା ଓ ଶିଶୁମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବଡ଼ଚଣା ଗୋଷ୍ଠୀସ୍ୱାସ୍ଥ କେନ୍ଦ୍ର ଅଧିକାରୀଙ୍କୁ ପଚାରିବାରୁ ଜଣେ ମହିଳା ଡାକ୍ତରଙ୍କୁ ଉକ୍ତସ୍ୱାସ୍ଥ କେନ୍ଦ୍ରକୁ ପଠାଯାଇଅଛି ବୋଲି ସଫେଇ ଦେଇଥିଲେ ମାତ୍ର ଡାକ୍ତର ଜଣଙ୍କ ଆସୁନଥିବା ନେଇ ଗ୍ରମବାସୀମାନେ ଅଭିଯୋଗ କରିଛନ୍ତ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବୀ ହେଉଅଛ।

# ଦେଶବ୍ୟାପୀ ଦିବ୍ୟ କାଶୀ-ଭବ୍ୟ କାଶୀ କାର୍ଯ୍ୟକ୍ରମର ସିଧାପ୍ରସାରଣ

ଭୁବନେଶ୍ୱର, (ପି.ଏନ): ଭଗବାନ ଶିବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଏକ ପ୍ରାଚୀନ ଧାର୍ମିକ ସହର କାଶୀ ବିଶ୍ୱନାଥ ଧାମର ସୌନ୍ଦର୍ଯ୍ୟକରଣ ଏବଂ ସାମଗ୍ରିକ ବିକାଶର ଅଭୁତ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୧୩ ଡିସେମ୍ବରରେ ଲୋକାର୍ପଣ ହେବ। ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ପ୍ରସନ୍ନତା ଏବଂ ଗୌରବର ବିଷୟ ବୋଲି " ଦିବ୍ୟ କାଶୀ-ଭବ୍ୟ କାଶୀ" ସହ ସଂଯୋଜକ ନୟନ କିଶୋର ମହାନ୍ତି କହିଛନ୍ତି ।ସାରା ଦେଶରୁ ଧର୍ମାଚାର୍ଯ୍ୟ, ସାଧୁସନ୍ଥ, ଜ୍ଞାନିଗୁଣି, ପ୍ରବୁଦ୍ଧଜନ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ତଥା ଉତରପ୍ରଦେଶ ସରକାରଙ୍କ ମନ୍ତ୍ରୀଙ୍କ ସମେତ ବହୁ ସଂଖ୍ୟାରେ ଭକ୍ତମାନେ ଏହି କାର୍ଯ୍ୟରେ ସିଧାସଳଖ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମ ଭାରତୀୟ ସଂସ୍କୃତିର ଅନନ୍ୟ ପରିଚୟ, ସାମାଜିକ ସମରସତା, ଅଖଣ୍ଡତା ଏବଂ ଏକତାର ପ୍ରତୀକ ହେବ। ଏହି କାଳଜୟୀ କାର୍ଯ୍ୟକ୍ରମକୁ ଐତିହାସିକ ଏବଂ ଅଭୂତପୂର୍ବ କରିବା ପାଇଁ ଭାରତୀୟ ଜନତାପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ପାର୍ଟି ସ୍ତରରେ ଅନେକ କାର୍ଯ୍ୟକ୍ରମ ରଚନା କରିଛନ୍ତି। ଏହି କାର୍ଯ୍ୟକ୍ରମ ଗୁଡିକ ଏକ ମାସ ପାଇଁ ସାରା ଦେଶରେ ଆୟୋଜିତ ହେବ ଯାହା ୧୩ ଡିସେମ୍ବରରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ବା ୧୪ ଜାନୁଆରୀ ୨୦୨୨ ପର୍ଯ୍ୟନ୍ତ ଚାଲିବ। ଦଳର ସମସ୍ତ ଜନ-ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଭାଗ ନେବେ। ୧୩ ଡିସେମ୍ବର ୨୦୨୧ରେ ଦେଶର ସମସ୍ତ ଜ୍ୟୋର୍ତିଲିଙ୍ଗଙ୍କ ନିକଟରେ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ ହେବ। ଦେଶର ପ୍ରାୟ ୫୧,୦୦୦ ସ୍ଥାନରେ ବଡ ପରଦା ଲଗା ଯିବ, ଯେଉଁଥିରେ " ଦିବ୍ୟ କାଶୀ-ଭବ୍ୟ କାଶୀ" କାର୍ଯ୍ୟକ୍ରମ ସିଧା ପ୍ରସାରଣ ହେବ। ଏହା ବ୍ୟତୀତ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ପ୍ରମୁଖ ମଠ - ମନ୍ଦିର ଏବଂ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ମାନଙ୍କରେ ବଡ ପରଦା ଲଗାଯିବ। ଦେଶର ସମସ୍ତ ମଣ୍ଡଳରେ ଶିବାଳୟ ତଥା ପ୍ରମୁଖ ମଠ ମନ୍ଦିର ମାନଙ୍କରେ ବ୍ୟବସ୍ଥିତ ରୂପରେ ପରଦା ଲଗାଇ ୧୩ ଡିସେମ୍ବରର ଅଭୁତପର୍ବ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହେବ, ଯେଉଁଥିରେ ପାର୍ଟି କାର୍ଯ୍ୟକର୍ତ୍ତା, ଶ୍ରଦ୍ଧାଳୁ, ପ୍ରବୁଦ୍ଧଜନ, ଭକ୍ତ, ଜ୍ଞାନୀ ବ୍ୟକ୍ତି, ପୁରୋହିତ, ମହନ୍ତ ଏବଂ ସାଧୁସନ୍ଥମାନେ ଅଂଶଗ୍ରହଣ କରିବେ। ଉତରପ୍ରଦେଶ (ୟୁପି)ର ସମସ୍ତ ଗ୍ରାମରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣର ମଧ ବ୍ୟବସ୍ଥା କରାଯିବ। ପାର୍ଟି ସ୍ତରରେ ଏହି କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଦଳର ରାଷ୍ଟ୍ରୀୟ ମହାମନ୍ତ୍ରୀ ତରୁଣ ଙ୍କ ନେତୃତ୍ୱରେ କେନ୍ଦ୍ରୀୟ ସମନ୍ୱୟ ସମିତି ଦ୍ୱାରା ଏକ ପ୍ରଭାବୀ ଯୋଜନା କରାଯାଇଛି। ସମସ୍ତ ଜିଲ୍ଲା କେନ୍ଦ୍ରରେ ପାର୍ଟିର କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ମଠ ମନ୍ଦିର ଆଶ୍ରମ ତଥା ଧାର୍ମିକ ସ୍ଥଳରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୯ ଡିସେମ୍ବରରେ ପ୍ରଭାତ ପରିକ୍ରମା ୧୦,୧୧ ଓ ୧୨ ଡିସେମ୍ବରରେ ସ୍ୱଚ୍ଛତା ଅଭିଯାନ ମଠ, ମନ୍ଦିର, ଆଶ୍ରମ, ଧାର୍ମିକ ସ୍ଥଳରେ କରାଯିବ। କାଶୀରେ ମଧ ସ୍ୱଚ୍ଛତା ଅଭିଯାନ ୫ ଡିସେମ୍ବରରୁ ଆରମ୍ଭ ହୋଇ ୧୨ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। କାଶୀ ବିଶ୍ୱନାଥ ଧାମର ଲୋକାର୍ପଣ ଅବସରରେ ପ୍ରଦେଶର ସମସ୍ତ ନାଗରିକ ନିଜ ନିଜ ଘରେ ଦୀପ ଜାଳି ଭଗବାନ ଶିବଙ୍କୁ ଆରାଧନା କରିବେ। କାଶୀରେ ଏହାକୁ ଭବ୍ୟରୂପେ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୧୪ ଡିସେମ୍ବରରେ ଭାରତୀୟ ଜନତା ପାର୍ଟି ଶାସିତ ପ୍ରଦେଶର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କର ସମ୍ମିଳନୀ ଆୟୋଜନ କରାଯିବ। ସମସ୍ତ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ମାନଙ୍କର ୩ଦିନ ଧରି (୧୩,୧.୧୫ ଡିସେମ୍ବର) ଧାର୍ମିକ, ସାଂସ୍କୃତିକ ପ୍ରବାସ ହେବ। ୧୭ ଡିସେମ୍ବର କେନ୍ଦ୍ରୀୟ ସହରୀ ବିକାଶ ମନ୍ତ୍ରଣାଳୟ ଏବଂ ଉତରପ୍ରଦେଶ ସରକାରର ସହରୀ ବିକାଶ ମନ୍ତ୍ରଣାଳୟ ଦ୍ୱାରା ସମସ୍ତ ପୌରପାଳିକା ମାନଙ୍କର ସମ୍ମିଳନୀ କାଶୀରେ କରାଯିବ। ୨୩ ଡିସେମ୍ବର ରେ କାଶୀରେ ଜୈବିକ କୃଷିର ପ୍ରଚାର ପ୍ରସାର ପାଇଁ ଏକ ସମ୍ମିଳନୀ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଦେଶର କୃଷି ବୈଜ୍ଞାନିକ, ଉନ୍ନତ କୃଷକ ମାନଙ୍କ ସହିତ କୃଷି ବିଶେଷଜ୍ଞମାନେ ଭାଗନେବେ। ଦିବ୍ୟ କାଶୀ-ଭବ୍ୟ କାଶୀ" ସମ୍ବନ୍ଧରେ ସରକାରୀ ପୁସ୍ତିକା ମଧ ବିତରଣ କରାଯିବାର କାର୍ଯ୍ୟକ୍ରମ ରହିଛି।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

## ଓଡିଶାରୁ ଉଷୁନା ଚାଉଳ କିଣିବା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ସାଂସଦ

ଭୁବନେଶ୍ୱର, (ପି.ଏନ): ଓଡ଼ିଶାରୁ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଉଷୁନା ଚାଉଳ ସଂଗ୍ରହ କରିବା ଦାବିରେ ବୁଧବାର ବିଜେଡି ସଂସଦୀୟ ଦଳ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ବିଜେଡି ସଂସଦୀୟ ଦଳ ପକ୍ଷରୁ ପ୍ରଦାନ ସ୍ମାରକ ପତ୍ରରେ ଉଲ୍ଲେଖ ରହିଛି ଯେ, ୨୦୨୧-୨୨ ବର୍ଷ ପାଇଁ ରାଜ୍ୟରେ ୫୨ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଅମଳ ହେବାର ଆଶା କରାଯାଉଛି । ଏଥିରୁ ବିଭିନ୍ନ ଯୋଜନା ବାବଦରେ ୨୦ଲକ୍ଷ ମେଟ୍ରିକ ଟନ୍ ଉଷୁନା ଓ ୪ଲକ୍ଷ ମେଟ୍ରିକ ଟନ୍ ଅରୁଆ ଚାଉଳ ବଂଟନ ସରିଲା ପରେ ଆଉ ୨୪ଲକ୍ଷ ମେଟ୍ରିକ ଟନ୍ ଉଷୁନା ବଳକା ହୁଏ ।

# ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ। କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି। ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି। କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବୃକ୍ଷରୋପଣ,ଦିବ୍ୟାଙ୍ଗ ଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତୃଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାଉନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶିଶୁ ଅଧିକାର ସୁରକ୍ଷା ପାଇଁ ବିଧାୟକମାନଙ୍କୁ "ଚାର୍ଟର ଅଫ୍ ଡିମାଣ୍ଡସ୍" ଉପସ୍ଥାପନ : ଶିଶୁ ସମସ୍ୟା ସମାଧାନ ପାଇଁ ବାଚସ୍ପତିଙ୍କ ପ୍ରତିଶ୍ରୁତି

ଭୁବନେଶ୍ୱର,(ପି.ଏନ): ୟୁନିସେଫ ମାଧ୍ୟମରେ ଶିଶୁ ପ୍ରତିନିଧି ମଣ୍ଡଳୀ ଓଡ଼ିଶା ବିଧାନସଭା ସଦସ୍ୟ ମାନଙ୍କୁ ଏକ "ଚାର୍ଟର ଅଫ୍ ଡିମାଣ୍ଡସ୍" ପ୍ରଦାନ କରିଛନ୍ତି। ଭୁବନେଶ୍ୱର ଠାରେ ୟୁନିସେଫ୍ ଦ୍ୱାରା ଆୟୋଜିତ ଏବଂ ଗ୍ଲୋବାଲ ପଲିସି ରିସର୍ଚ୍ଚ ଫାଉଣ୍ଡେସନ ଦ୍ୱାରା ସଙ୍ଗଠିତ ଏହି ପାରସ୍ପରିକ କଥାବାର୍ତ୍ତାରେ ବିଶେଷତଃ ତୃଣମୁଳ ସ୍ତରରେ ଶିଶୁମାନଙ୍କର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶାର ବିଧାୟକମାନଙ୍କ ସହ ସହଭାଗିତା ଉପରେ ଗୁରୁତ୍ୱାରୋପ କରାଯାଇଛି । ୟୁନିସେଫ୍ ଫିଲ୍ଡ ଅଫିସ ମୁଖ୍ୟ ଡ଼ଃ ମୋନିକା ନିଲସେନ ବିଧାୟକମାନେ ନୀତି ନିର୍ମାତା ଭାବେ ସେମାନଙ୍କ କଲ୍ୟାଣ ପାଇଁ ନିର୍ଦ୍ଦିଷ୍ଟ ଓ ସମୟୋଚିତ ପଦକ୍ଷେପ ନେଉଥିବାରୁ ବିଧାୟକମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ର ଏହି ସମାବେଶରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ରାଜ୍ୟର ପ୍ରଗତିରେ ଶିଶୁମାନଙ୍କର ଅଧିକାର ସମାଧାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ । ଉଭୟ ଗ୍ରାମାଂଚଳ ଓ ସହରାଂଚଳର ଶିଶୁମାନଙ୍କ ସାମଗ୍ରିକ ଉନ୍ନତି ସରକାରଙ୍କ ଲକ୍ଷ୍ୟ ହେବା ଉଚିତ୍ ଏବଂ ସରକାରୀ ଯୋଜନା ବହୁ ସଂଖ୍ୟକ ଶିଶୁଙ୍କୁ ଉପକୃତ କରୁଥିବା ସେ କହିଛନ୍ତି । ତଥାପି ସେମାନଙ୍କ ପାଇଁ ଆହୁରି ଅଧିକ କଣ କରାଯାଇପାରିବ ସେ ସମ୍ପର୍କରେ ବିଧାନସଭା ଦ୍ୱାରା ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଶିଶୁମାମନଙ୍କ ମତାମତ ଆଧାରରେ ଶିଶୁ ଅଧିକାର ଉପଯୋଗୀ ଆଇନ ପ୍ରଣୟନ କରିବାର ଆବଶ୍ୟକତାକୁ ମଧ ସେ ଗୁରୁତ୍ୱ ଦେଇଛନ୍ତି। ଶିଶୁ ଅଧିକାର ଜନିତ ବିଭିନ୍ନ ସମସ୍ୟା ବିଶେଷ କରି ଶିଶୁ ଶ୍ରମିକ ପ୍ରଥା ଏବଂ ବାଲ୍ୟ ବିବାହ ନିଷେଧ ତଥା ଶିଶୁଙ୍କ ପାଇଁ ଶିକ୍ଷା ଅଧିକାର ସୁନିଶ୍ଚିତ କରିବାକୁ ପୂର୍ବତନ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ ମତ ଦେଇଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଏବଂ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଶିଶୁମାନଙ୍କ ସମସ୍ୟା ବିଧାନସଭାରେ ଯଥାଯଥ ଭାବେ ପ୍ରତିନିଧିତ୍ୱ ହେବା ପାଇଁ ପ୍ରତିଶ୍ରୁତି ଦେଇଶିଶୁମାନଙ୍କର ଆବଶ୍ୟକତାର ଯତ୍ନ ନେବା ପ୍ରତ୍ୟେକ ରାଜନୈତିକ ଦଳର ଦାୟିତ୍ୱ ବୋଲି କହିଛନ୍ତି । ବିଶେଷତଃ ନିଜ ନିର୍ବାଚନ ମଣ୍ଡଳୀରେ ଥିବା ବିଦ୍ୟାଳୟଗୁଡିକରେ ପାନୀୟ ଜଳ ସୁବିଧା ଯୋଗାଇ ଦେବା, ଉପଯୁକ୍ତ ଭିତିଭୂମି ସୁନିଶ୍ଚିତ କରିବା ଏବଂ ବାଳକ ଓ ବାଳିକାମାନଙ୍କ ପାଇଁ ପୃଥକ ଶୌଚାଳୟ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ବିଧାୟକମାନଙ୍କ ସହ ଆଲୋଚନାରେ ଉପସ୍ଥିତ ଶିଶୁମାନେ ସେମାନଙ୍କ ବିଦ୍ୟାଳୟ ଶିକ୍ଷା, ଅନଲାଇନ୍ କ୍ଲାସ, ଲିଙ୍ଗଗତ ସମାନତା, ବାଲ୍ୟ ବିବାହ ଲୋପ ଏବଂ ଶିଶୁ ଶ୍ରମିକ ନିରୋଧ ଉପରେ ବିଧାୟକମାନଙ୍କୁ ପ୍ରଶ୍ନ କରିଥିଲେ । ଶିଶୁମାନଙ୍କ ସହ ଆୟୋଜିତ ଭାବବିନିମୟ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଶଶି ଭୂଷଣ ବେହେରା, ଲତିକା ପ୍ରଧାନ, ଉଷା ଦେବୀ, ସୀମାରାଣୀ ନାୟକ, ସୂର୍ଯ୍ୟମଣି ବୈଦ୍ୟ, ରୀତା ସାହୁ, ସୁନନ୍ଦା ଦାସ, ମଞ୍ଜୁଳା ସ୍ୱାଇଁ, ମିନାକ୍ଷୀ ମହନ୍ତ, ବାସନ୍ତୀ ହେମ୍ବ୍ରମ, ମୁକେଶ ମହାଲିଙ୍ଗ, ସୁକାନ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ପାଳିତ




ଜଗତସିଂହପୁର, (ପି.ଏନ): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୩ ତମ ଜୟନ୍ତୀ କଲେଜ ଛକ ଠାରେ ଥିବା ଗାୟତ୍ରୀ ଏଜୁକେଶନ ପଏଣ୍ଟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଅତିଥିମାନେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଅନୁଷ୍ଠିତ ସଭାରେ ଅଧ୍ୟକ୍ଷତା କରି ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ପାଇଁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଚିରଦିନ ପାଇଁ ମନେ ରହିବେବୋଲି କହିବା ସହ ଏହି ସଂଗୀତ ରାଜ୍ୟ ସଂଗୀତ ମାନ୍ୟତା ପାଇବା ତାଙ୍କ ପ୍ରତି ପ୍ରକୃତ ସମ୍ମାନ ବୋଲି କହିଥିଲେ । ଏଥିରେ ଅଲୋଚିକା ଭାବେ ଗାୟତ୍ରୀ ଏଜୁକେଶନ ପଏଣ୍ଟର ନିର୍ଦ୍ଦେଶିକା ଶାଶ୍ୱତୀ ଶୁଭଦର୍ଶିନୀ ତାଙ୍କ ବକ୍ତବ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ରଚିତ ଉପନ୍ୟାସ କଣାମାମୁଁ ,ଗଳ୍ପ ବୁଢା ଶଙ୍ଖାରୀ ଓ କବିତା ଜୀବନ ସଂଗୀତ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ସମ୍ବିତ୍ କୁମାର ଦାସ, ଅଭିଷେକ ବେହେରା, ଅନ୍‌ମୋଲ ପ୍ରଧାନ ,ଲୋପାମୁଦ୍ରା ସାହୁ ଓ ପ୍ରଭାତୀ ପାତ୍ର ପ୍ରମୁଖ ସ୍ୱର୍ଗତ୍ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ବହୁମୁଖୀ ସୃଜନଶୀଳ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ । ଶେଷରେ ଇଷାନି ମୋନାଲିସା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada




Bhubaneswar Friday December 10, 2021 ଭୁବନେଶ୍ୱର ଶୁକ୍ରବାର, ଡିସେମ୍ବର ୧୦,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ପୁନିତ୍ ସାଗର ସ୍ୱଚ୍ଛତା କାର୍ଯ୍ୟକ୍ରମ




ପାରାଦୀପ,(ପି.ଏନ): ପାରାଦୀପ ମହାବିଦ୍ୟାଳୟ ଓ ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍‌ମାନଙ୍କ ଦ୍ୱାରା ପୁନିତ୍ ସାଗର ସ୍ୱଚ୍ଛତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଗୁରୁବାର ଦିନ ଏନ୍.ସି.ସି. ଅଫିସର ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ଓ ହାଇସ୍କୁଲର ଏନ୍.ସି.ସି ଅଫିସର ପ୍ରଦୀପ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ର୍‌ୟାଲିରେ ଆୟୋଜିତ କରାଯାଇଥିଲା । ପାରାଦୀପ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟାପକ ଗଣେଶ୍ୱର ପାତ୍ର କ୍ୟାଡେଟ୍‌ମାନଙ୍କୁ ସ୍ୱଚ୍ଛତା ବଜାୟ ରଖିବା ପାଇଁ ନିବେଦନ କରିଥିଲେ । ଏହା ପରେ ପାରାଦୀପ ସାଗର ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ୟାଡେଟ୍‌ମାନେ ପୁନିତ୍ ସାଗର ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗ ଦେଇ ବେଳାଭୂମି ସଫେଇ କରିଥିଲେ । ଆଗାମୀ ଦିନରେ ସଚେତନତା, ପଥପ୍ରାନ୍ତ ନାଟକ ସମେତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ନଭେମ୍ବର ମାସ ୩୦ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଡିସେମ୍ବର ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଏନ୍.ସି.ସି. ଅଫିସର ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି ।

## ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଗଡ ଗୁଡୁମ ଗ୍ରାମର ରାମସିଂ ପ୍ରସାଦ ପାଣିଟାଙ୍କ ନିକଟରୁ ଆଦର୍ଶ ଥାନା ଅନ୍ତର୍ଗତପାନବରଜ ଗ୍ରାମର ସେକ ନସିମ(ବୁବୁଲୁ) ନାମକ ଜଣେ ଯୁବକ ଠାରୁ ୩୨ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଅଭିଯୁକ୍ତ ଠାରୁ ପ୍ୟାନକାର୍ଡ,ମୋବାଇଲ ଓ ସ୍କୁଟି ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ଏଥିରେ ସଦର ଥାନା ଅଧିକାରୀ ଅନିତା ସାହୁଙ୍କ ନେତୃତ୍ୱ ଓ ସ୍ପେସିଆଲ ସ୍କାର୍ଡର ମିଳିତ ସହଯୋଗରେ ଏକ ଟିମ ଗଠନ କରି ସେଠାରେ ପହଂଚି ଅତର୍କିତ ଭାବରେ ଚଢାଉ କରିଥିଲେ ।ଏହି କେସରେ ଉପନିରୀକ୍ଷକ ପବିତ୍ର ମୋହନ ପ୍ରଧାନ ତଦନ୍ତ ଅଧିକାରୀ ଭାବେ ଦାୟିତ୍ୱ ନେଇଛନ୍ତି ।

# ଚଣ୍ଡିଖୋଲ କୋର୍ଟର ୧୫ ତମ ପ୍ରତିଷ୍ଠା ଉଛବର ଉଦଯାପନ ଦିବସ,'ବନ୍ଧୁ ପ୍ରେମେ ବନ୍ଧୁ ବନ୍ଧା ପଡିଛି' ନାଟକ ପରିବେଷିତ




ଚଣ୍ଡିଖୋଲ,(ପିଏନ): ଚଣ୍ଡିଖୋଲ ବାର ଆସୋସିଏସନର ଦ୍ୱାରା ତିନିଦିନିଆ ୧୫ ତମ ପ୍ରତିଷ୍ଠା ଉଛବର ଉଦଯାପନ ଦିବସ ବୁଧବାର ଉଦଯାପିତ ହେଇଯାଇଛି. ଉଦଯାପିତ ସନ୍ଧ୍ୟାରେ ବାର ଆସୋସିଏସନର ସଭାପତି ଆଇନଜୀବୀ ଦେବରାଜ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ପ୍ରଦୀପ ପ୍ରଜ୍ୱଳନ କରି ଏହି ଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବାର ଏପରି ପ୍ରତିଷ୍ଠା ଦିବସ ପାଳନକୁ ବିଧାୟକ ଉଚ୍ଚ ପ୍ରସଂଶା କରିବା ସହ ବ୍ୟସ୍ତ ଓ କର୍ମମୟ ଜୀବନରୁ ବାହାରି ଉଦଯାପନ ଦିବସରେ ଏକ ନାଟକ ପରିବେଷଣ କରୁଥିବାରୁ ସେ ସମସ୍ତ ଆଇନଜୀବୀମାନଙ୍କୁ ବଧେଇ ଜଣାଇଦେଇଥିଲେ.ଆଗାମୀ ଦିନରେ ଚଣ୍ଡିଖୋଲରେ ସବଜେଲ ପ୍ରତିଷ୍ଠା ରାଜ୍ୟସରକାରଙ୍କ ବିଚାରାଧୀନ ଅଛି ଓ ଖୁବଶୀଘ୍ର ଏହା ପୁରଣ ହେବ ବୋଲି ବିଧାୟକ ନିଜ ବ୍ୟକ୍ତବରେ କହିଥିଲେ । ସମ୍ମାନିତ ଅତିଥି ଭାବେ କୋର୍ଟର ବରିଷ୍ଠ ସିଭିଲ ଜଜ ବିଷ୍ଣୁପ୍ରସାଦ ମିଶ୍ର ଯୋଗଦେଇ ଆମେ ସମସ୍ତେ ନିଜନିଜର ଜନ୍ମଦିନ ପାଳନ କରୁଥିବା ବେଳେ କୋର୍ଟର ଜନ୍ମ ଦିନ ପାଳିବା ଏକ ନିଆରା ପରମ୍ପରା ସୃଷ୍ଟି କରିଛିବୋଲି କହିଥିଲେ.ଜେଏମଫସି ସୌମ୍ୟରଂଜନ ପୃଷ୍ଟି ,ଜେଏମଫସି ସୁଶ୍ରୀ ତସଲିମା ଦାସ, ଅଭିନେତା ତଥା ଭୁବନେଶ୍ୱର ବାରର ଉପସଭାପତି ଦେବୀପ୍ରସାଦ ବାରିକ ଓ ବାରର ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ ଅତିଥିଭାବେ ଯୋଗଦେଇ ନିଜନିଜର ବ୍ୟକ୍ତ୍ୱ ରଖିଥିଲେ.ଆଇନଜୀବୀ ବୀରେନ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇନଜୀବୀ ଶିରୀଶ ସାମଲ ଅତିଥି ପରିଚୟ ଦେଇଥିଲେ । ଶେଷରେ ଆଇନଜୀବୀ ସୁଦର୍ଶନ ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ କୋର୍ଟପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ମଧୁବାବୁଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ଅର୍ପଣକରିଥିଲେ । ସଭାପରେ ଆଇନଜୀବୀଙ୍କ ଦ୍ୱାରା ନାଟକ ,'ବନ୍ଧୁ ପ୍ରେମେ ବନ୍ଧୁ ବନ୍ଧା ପଡିଛି ' ପରିବେଷିତ ହେଇଥିଲା ।

## ବିଲରୁ ପାଣି ଶୁଖୁନି; ଧାନ ଅମଳ କରିପାରୁନି ଚାଷୀ

ଫୁଲନଖରା, (ପି.ଏନ): ଗତ ଜୱାଦ ଜନିତ ଦୁଇ ଦିନିଆ ପ୍ରବଳ ବର୍ଷାରେ ଧାନ ବିଲ ବୁଡ଼ିଛି । ଏବେ ମଧ୍ୟ ଅନେକ ଧାନ ବିଲରୁ ପାଣି ଶୁଖିନଥିବାରୁ ଚାଷୀ ପାଚିଲା ଧାନକୁ କାଟିପାରୁନାହିଁ । ଅଥଚ ଆଜି ସକାଳୁ ପୁଣି ବର୍ଷା ଆରମ୍ଭ ହୋଇଯାଇଛି ।ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଯୋଗୁଁ ଏହି ବର୍ଷା ତଥା କୋହଲା ପାଗ ହୋଇଥିବା ଜଣାଯାଏ । କିନ୍ତୁ ଏହି ପ୍ରତିକୂଳ ପାଗକୁ ନେଇ ସମଗ୍ର ଚାଷୀକୁଳ ଘୋର ଚିନ୍ତାରେ ପଡ଼ିଛି । ବିଲରେ ଯାହା କିଛି ଧାନ ଭଲ ଅବସ୍ଥାରେ ଅଛି ତାକୁ କିପରି ଖଳାକୁ ଆଣିବ ସେଇ ଚିଂାରେ ଥିଲାବେଳେ ଆଜିର ବର୍ଷା ସେଥିରେ ପ୍ରତିବନ୍ଧକ ସାଜିଛି । ଏହି ବର୍ଷା ଦିନେ ଦୁଇ ଦିନ ଲାଗି ରହିଲେ ବର୍ଷକର ଆହାର ସମ୍ପୂର୍ଣ୍ଣ ହରାଇବାକୁ ପଡ଼ିବବୋଲି ଚାଷୀମାନେ କହିଛନ୍ତି । ସେହିପରି ପନିପରିବା ଚାଷ ମଧ୍ୟ ଗୁରୁତରଭାବେ ପ୍ରଭାବିତ ହୋଇଥିଲାବେଳେ ବଜାରରେ ଅଧିକାଂଶ ପରିବା ମୂଲ୍ୟ ଅହେତୁକଭାବେ ବୃଦ୍ଧି ପାଇଛି । କୃଷି ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି ।

# ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୱତ ପରିଷଦର ଆଲୋଚନାଚକ୍ର ଅନୁଷ୍ଠିତ

ପାରାଦୀପ,(ପି.ଏନ): ଶିକ୍ଷା ବିକାଶ ସମିତି,ଓଡିଶା ଅଧିନସ୍ଥ ପାରାଦୀପ ସଙ୍କୁଳ ଆନୁକୂଲ୍ୟରେ ବିଦ୍ୱତ ପରିଷଦ ଆଲୋଚନା ଚକ୍ର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ତଥା ସଙ୍କୁଳ ସଂଯୋଜକ ମନୋଜ ରଂଜନ ସେଠୀଙ୍କ ସଂଯୋଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ କ୍ରିୟାନ୍ୱୟରେ ଶିକ୍ଷକ ଓ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ରାଜ୍ୟର ବହୁ ପ୍ରତିଷ୍ଠିତ ଶିକ୍ଷାବିତ୍ ଓ ଅଭିଭାବକ ଯୋଗ ଦେଇଥିଲେ । ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିତୁଠର ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ, ତ୍ରିଲୋଚନପୁରର ସହାକାରୀ ଶିକ୍ଷକ ସାରଦା ପ୍ରସନ୍ନ ନାୟକ, ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ସହକାରୀ ଶିକ୍ଷକ ବସନ୍ତ କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନଙ୍ଗ କୁମାର ମହାପାତ୍ର, ଅଧ୍ୟାପକ ଗଣେଶ୍ୱର ପାତ୍ର, ପାରାଦୀପ ଡି.ଏ.ଭି.ସ୍କୁଲର ଅଧକ୍ଷା ବିନ୍ଦୁଶ୍ରୀ ମହାନ୍ତି,ପ୍ରାନ୍ତ୍ ବିଦ୍ୱତ ପରିଷଦର ସଂଯୋଜକ ଅଶ୍ୱିନୀ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଆଲୋଚନା ଚକ୍ରରେ ଅଧକ୍ଷତା କରିଥିଲେ ପୂର୍ବ ସମ୍ଭାଗର କୋଷାଧକ୍ଷ ରବିନ୍ଦ୍ର କୁମାର ଦାସ । ଧନ୍ୟବାଦ ଅର୍ପଣ କରିଥିଲେ ପାରାଦୀପ ସଙ୍କୁଳ ପ୍ରମୁଖ ଗୌରାଙ୍ଗ ଚରଣ ସ୍ୱାଇଁ । ବିଦ୍ୟାଳୟ ତଥା ସଙ୍କୁଳର ବହୁ ଗୁରୁଜୀ, ଗୁରୁମାଙ୍କ ସମେତ ଅଭିଭାବକମାନେ ଏହି ଆଲୋଚନା ଚକ୍ରରେ ଯୋଗ ଦେଇଥିଲେ।

# ମନ୍ଦିର ଯାଗାରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ବିରୋଧ,ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ



ଖୋର୍ଦ୍ଧା, (ପିଏନ):ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ଗେଡିଆପଲ୍ଲୀ ପଂଚାୟତର ଗୋପାଳପୁର ମୌଜା ଖାତା ନମ୍ବର ୧୨୫,ପ୍ଲଟ ନମ୍ବର ୩୦୨ ର ବାଲୁଙ୍କେଶ୍ୱର ଦେବ ମନ୍ଦିରର ଜମିରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ଗ୍ରାମବାସୀ ମାନେ ବିରୋଧ କରି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷରେ କଲ୍ୟାଣ ମଣ୍ଡପ ନିର୍ମାଣ ହେଉଥିବା ଜମିର ନିକଟରେ ବିଦ୍ୟାଳୟ ଓ ସ୍ୱାସ୍ଥ୍ୟ କେନ୍ଦ୍ର ଅବସ୍ଥିତ ରହିଥିବାରୁ ସରକାରୀ ନିୟମ ଅନୁଯାଇ ଅନୁମତିପତ୍ର କିଭଳି ଦିଆ ଯାଇଛି ତାହା ସର୍ବସାଧାରଣରେ ବିସ୍ମୟ ପ୍ରକାଶ ପାଇଛି । ଏହି ପଂଚାୟତର ବିଭିନ୍ନ ସ୍ଥାନରେ ସରକାରୀ ଜମି ରହିଥିବା ବେଳେ କିଭଳି ମନ୍ଦିର ଜମିରେ ନିର୍ମାଣ କରାଯିବାକୁ ବିରୋଧ କରି ସମାଜସେବୀ ଭାବଗ୍ରାହୀ ପାଣିଗ୍ରାହୀ, ଭାଗବତ ମହାପାତ୍ର,ଅନିଲ କରଡା ଓ ପୂର୍ବତନ ସରପଂଚ ଦୀନବନ୍ଧୁ କରଙ୍କ ସମେତ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ।

## ବିପିନ ରାଓ୍ୱତଙ୍କୁ ଶ୍ରଦ୍ଧାଳି

ଫୁଲନଖରା,(ପି.ଏନ):ସାମରିକ ବାହିନୀ ମୁଖ୍ୟ ଜେନେରାଲ ବିପିନ ରାଓ୍ୱତଙ୍କ ଦୁଃଖଦ ମୃତ୍ୟୁରେ ଜଗନ୍ନାଥପୁର ପରିଜାସାହି ଯୁବକ ସଂଘ ଶ୍ରଦ୍ଧାଳି ଜଣାଇଛି । ସଂଘ ସଭ୍ୟ ଓ ସଭ୍ୟାମାନେ କ୍ୟାଣ୍ଡେଲ ଜାଳି ଓ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ତାଙ୍କୁ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ । ସେ ଭାରତୀୟ ସୈନ୍ୟବାହିନୀର ଜଣେ ଅଦ୍ୱିତୀୟ ଯୋଦ୍ଧା ଥିଲେବୋଲି ସଦସ୍ୟମାନେ ମତ ପ୍ରକାଶ କରିଥିଲେ ।

# ବଡ଼ଚଣା ବ୍ଲକ କଂଗ୍ରେସ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା

ଚଣ୍ଡିଖୋଲ, (ପିଏନ ): ଯାଜପୁର ଜିଲ୍ଲା କଂଗ୍ରେସ କମିଟିର ଅନୁମୋଦନ କ୍ରମେ ବୁଧବାର ବଡ଼ଚଣା ବ୍ଲକ କଂଗ୍ରେସ କମିଟି ସଭାପତି ବ୍ଲକ କଂଗ୍ରେସ କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି.ଉପସଭାପତି ଭାବେ ଦେବେନ୍ଦ୍ର ସାମଲ ,ବରଦା ପ୍ରସାଦ ରାୟ, ପ୍ରଦୀପ୍ତ ମହାନ୍ତି , ସାଧାରଣ ସମ୍ପାଦକ ଭାବେ ହିମାଂଶୁ ବଳ, ବିଭୁତି ନାୟକ , ଅଖିଳ ସାହୁ , ସୁଧାଂଶୁ ପ୍ରଧାନ ,ଜଗନାଥ ସାମଲ ,ସମ୍ପାଦକ ଭାବେ ଆଶିଷ ଧଳ,ବିଚିତ୍ର ଜେନା ,ଗୋପାଳ ରାଉତ ,ସନ୍ତୋଷ ଜେନା , ପ୍ରଦୀପ୍ତ ସ୍ୱାଇଁ , ଆର୍ତତ୍ରାଣ ଦାସ ,ସୁବାଷ ଚନ୍ଦ୍ର ପରିଡା ,ସାଗର ସାହୁ ,ନୃସିଂହ ମହାନ୍ତି ,ଅଶୋକ ବ୍ରହ୍ମା, ସୁଧାନିଧି ଜେନା ,ରଶ୍ମିତା ବାରିକ ,ପ୍ରେମାନନ୍ଦ ବେହେରା , ବିକାଶ କୁମାର ଶତପଥି ,ପ୍ରହଲ୍ଲାଦ ବାରିକ ଓ ବିଘ୍ନରାଜ ସାମଲଙ୍କ ନାଁ ଘୋଷଣା କରାଯାଇଛି.ଯୁବନେତା କ୍ୟାପଟେନ ରାଜନାରାୟଣ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଏହି କମିଟି ତୃଣମୂଳ ସ୍ତରରେ ଥିବା କଂଗ୍ରେସ କମିଟିକୁ କିପରି ମଜଭୁତ କରାଯିବ ସେ ଦିଗରେ କାର୍ଯ୍ୟକରିବେ ବୋଲି ଜଣାଯାଇଛି ।

# ସ୍ୱର୍ଗତ ଧର୍ମାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଲେ ଯୋଡା ଟ୍ରକ ମାଲିକ ସଂଘ



ଯୋଡା,(ପି.ଏନ): କେନ୍ଦୁଝର ଜିଲ୍ଲା ଯୋଡା ଟ୍ରକ ମାଲିକ ସଂଘ ପକ୍ଷରୁ ସ୍ୱର୍ଗତ ଧର୍ମାନନ୍ଦ ବ୍ରହ୍ମଙ୍କ ଅମର ଆତ୍ମାର ସଦଗତି କାମନା କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ନିରବ ପ୍ରାର୍ଥନା କରିଥିବା ଜଣାପଡିଛି । ଖବର ରୁ ପ୍ରକାଶ ଯେ ପଳାଶପଙ୍ଗା ଟାଙ୍ଗରାଣି ରେ ରହୁଥିବା ଧର୍ମାନନ୍ଦ ବ୍ରହ୍ମ ଯୋଡା ଟ୍ରକ ମାଲିକ ସଂଘର ପୂରାତନ ସଦସ୍ୟ ଥିଲେ । ହଠାତ୍ ଗତକାଲି ପ୍ରାୟ ୯.୩୦ ମି ସମୟରେ ଛାତିରେ କଷ୍ଟ ଅନୁଭବ କରିବା ସହ ମୁର୍ଚ୍ଛାପ୍ରାୟ ହୋଇ ପଡିଥିଲେ । ତାଙ୍କୁ ତୁରଂ କେନ୍ଦୁଝର ଡାକ୍ତରଖାନା ନିଆଯାଇଥିଲା ହେଲେ ସେଠାରେ ପହଂଚିଲା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଡାକ୍ତର ପରୀକ୍ଷାକରି ଏହା ହୃଦଘାତ ଜନିତ ମୃତ୍ୟୁ ବୋଲି କହିଥିବା ଜଣାପଡିଛି । ଧର୍ମାନନ୍ଦ ବ୍ରହ୍ମ ଜଣେ ଭଲ ଲୋକ ଭାବେ ତାଙ୍କ ଅଂଚଳରେ ବେଶ ଜଣାଶୁଣା ତେବେ ଗାଡି ବେପାର ନେଇ ଟିକେ ଚିଂତ ରହୁଥିବା ବେଳେ ଋଣ କରି ଗାଡି କରିଥିବାରୁ ସର୍ବଦା କିସ୍ତି ପୈଠ କରିବା ପାଇଁ ଫାଇନାନ୍ସର ମାନେ ଚାପ ପକାଉଥିଲେ । ଶେଷରେ ଏହି ଚାପ ହିଁ ତାଙ୍କ ମୃତ୍ୟୁର କାରଣ ହେଲା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ତେବେ ସ୍ୱର୍ଗତ ଧର୍ମାନନ୍ଦ ବ୍ରହ୍ମ ଅଦିନରେ ଇହଧାମ ତ୍ୟାଗ କରିଥିବାରୁ ଆଜି ଯୋଡା ଟ୍ରକ ମାଲିକ ସଂଘର ସଂପାଦକ ସୁଶାଂ କୁମାର ବାରିକ ଙ୍କ ଜରିଆରେ ଯୋଡା ଟ୍ରକ ମାଲିକ ସଂଘର ସଭାଗୃହରେ ସମସ୍ତ ଗାଡି ମାଲିକ ଏବଂ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଏକ ଶୋକସଭାର ଆୟୋଜନ କରାଯାଇ ଦିବଂଗତ ଆତ୍ମାର ସଦଗତି କାମନା କରିବା ଏବଂ ଏହି ଅସମୟରେ ତାଙ୍କ ପରିବାରକୁ ଭଗବାନ ସହାୟ ହୋଇ ବିପଦରୁ ଉଦ୍ଧାର କରିବାକୁ ପ୍ରାର୍ଥନା କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray